**DO NOT OPEN THE SEAL OF THE QUESTION BOOKLET UNTIL YOU ARE TOLD TO DO SO**

**Question Book Serial No.** **MLG0000037** **EC-2014** **Question Booklet Series Code: A**

**Time Allowed: 02.00 hours** **Maximum Mark: 60**

**ନିର୍ଦ୍ଧାରିତ ସମୟ : ୦୨ .୦୦ ଘଣ୍ଟା** **ସର୍ବାଧିକ ମାର୍କ : ୬୦**

Read the following instructions carefully before you begin to answer the questions. This Booklet contains questions both in English and Odia language except Section-B which contains Translation from Odia to English in Part-I & English to Odia in Part-II. In case of discrepancy in meaning, the English version will prevail.

ପ୍ରଶ୍ନଗୁଡିକର ଉତ୍ତର କରିବାପୂର୍ବରୁ ନିମ୍ନ ପ୍ରଦତ୍ତ ନିର୍ଦ୍ଦେଶାବଳୀ ଯତ୍ନସହକାରେ ପଢନ୍ତୁ । ଏହି ପୁସ୍ତିକାରେ ବିଭାଗ-'ଖ' ବ୍ୟତୀତ ଅନ୍ୟ ବିଭାଗର ପ୍ରଶ୍ନଗୁଡିକ ଉଭୟ ଇଂରାଜୀ ଓ ଓଡିଆ ଭାଷାରେ ଦିଆଯାଇଅଛି । ବିଭାଗ-'ଖ'ର ଭାଗ-୧ରେ ଓଡିଆରୁ ଇଂରାଜୀକୁ ଭାଷାନ୍ତର ଏବଂ ଭାଗ-୨ରେ ଇଂରାଜୀରୁ ଓଡିଆକୁ ପୁନଃଭାଷାନ୍ତର ଅନ୍ତର୍ଭୁକ୍ତ। ଅର୍ଥବୋଧରେ କିଛି ତାରତମ୍ୟ ଥିଲେ ଇଂରାଜୀ ଭାଷା ବଳବତ୍ତର ରହିବ ।

## INSTRUCTIONS FOR CANDIDATES

1. This Booklet contains in all 120 objective type questions with multiple choice answer comprising of the following:
   Section-A: Mathematics-40 questions
   Section-B: Part-I: Translation from Odia to English-20 questions
   Part-II: Re-Translation from English to Odia-20 questions
   Section-C: General Knowledge on Excise Matters-40 questions
2. All questions are compulsory and carry equal mark.
3. Before answering any question, checkup the Booklet and ensure that it contains <u>28</u> pages and no page is missing, mutilated or repeated. In case of any defect replace it immediately.
4. The Invigilator shall supply you the bank OMR Answer Sheet separately. Enter your Roll Number, Question Booklet Serial Number and Question Booklet Series Code and darken the corresponding circle/oval provided on left side of the Answer Sheet carefully by black/blue ball point pen only. You must write the name, date and center of examination and put your full signature in the appropriate spaces provided therein before answering any question.
5. A machine will read the coded information furnished by you in the OMR Answer Sheet. If the information so furnished by you are incomplete or different from what have been given in the application form, you will be awarded Zero mark.
6. These instructions must be complied with fully failing which your Answer Sheet will not be evaluated and Zero mark will be awarded.
7. Answer must be given by completely blackening one of the four circles/ovals representing the correct answer given on right side of the Answer Sheet corresponding to the relevant question number by using Black/Blue ball point pen only. Answers not shown by black/blue ball point pen shall not be awarded any mark.
8. Failure to hand over the Answer Sheet to the Invigilator before leaving the examination hall/room will make you liable to penal action.
9. Read carefully the instructions of answering each question before answering it.
10. Answer the questions as quickly and carefully as you can. Some questions may be easy and others difficult. Don't spend too much time on any question.
11. No Rough work has to be done on the OMR Answer Sheet. Space for rough work has been provided in the Question Booklet.
12. You must not carry into the examination hall/ room any book, mobile phones or electronic devices printed/handwritten papers except the Admission Letter.

Failure to comply with any of the above instructions will be considered as using unfair means and action as deemed proper will be taken against the violators.

## ପ୍ରାର୍ଥୀ/ପ୍ରାର୍ଥିନୀ ମାନଙ୍କପାଇଁ ନିର୍ଦ୍ଦେଶାବଳୀ

୧. ଏହି ପୁସ୍ତିକାରେ ନିମ୍ନମତେ ମୋଟ ୧୨୦ଟି ବିବିଧ ଉତ୍ତର ଯୁକ୍ତ ସଂକ୍ଷିପ୍ତ ପ୍ରଶ୍ନ ଅଛି ।
   କ-ବିଭାଗ: ଗଣିତ-୪୦ଟି ପ୍ରଶ୍ନ
   ଖ-ବିଭାଗ: ଭାଗ-୧ :ଓଡିଆରୁ ଇଂରାଜୀକୁ ଭାଷାନ୍ତର-୨୦ଟି ପ୍ରଶ୍ନ
   ଭାଗ-୨ :ଇଂରାଜୀରୁ ଓଡିଆକୁ ପୁନଃଭାଷାନ୍ତର-୨୦ଟି ପ୍ରଶ୍ନ
   ଗ –ବିଭାଗ: ଅବକାରୀ ବିଷୟରେ ସାଧାରଣ ଜ୍ଞାନ-୪୦ଟି ପ୍ରଶ୍ନ

୨. ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ ଏବଂ ପ୍ରତ୍ୟେକର ମାର୍କ ସମାନ।

୩. କୌଣସି ପ୍ରଶ୍ନର ଉତ୍ତରଦେବା ଆଗରୁ ପୁସ୍ତିକାଟି ତନଖି ଦେଖନ୍ତୁକି ଏଥିରେ <u>୨୮</u> ପୃଷ୍ଠା ଅଛି ଓ କୌଣସି ପୃଷ୍ଠା ଛାଡି, ନଷ୍ଟ କିମ୍ବା ପୁନରାବୃତ୍ତି ହୋଇନାହିଁ । କୌଣସି ତ୍ରୁଟିଥିଲେ ତାକୁ ତୁରନ୍ତ ବଦଳ କରାଇନିଅନ୍ତୁ।

୪. ପରୀକ୍ଷକ ଆପଣଙ୍କୁ ସ୍ୱତନ୍ତ୍ରଭାବେ ଓଏମାର ଉତ୍ତରଫର୍ଦ୍ଦ ଦେବେ । ଉତ୍ତରଫର୍ଦ୍ଦର ବାମ ପାର୍ଶ୍ୱରେ ଯଥା ସ୍ଥାନରେ ଆପଣଙ୍କ ରୋଲନମ୍ବର, ପ୍ରଶ୍ନପୁସ୍ତିକା କ୍ରମିକନମ୍ବର ଏବଂ ପ୍ରଶ୍ନପୁସ୍ତିକା ସିରିଜ କୋଡ ଉଲ୍ଲେଖ କରନ୍ତୁ ଏବଂ ଅନୁରୂପ ବୃତ୍ତ/ଅଣ୍ଡାକୃତିକୁ କେବଳ କଳା/ନୀଳ କାଳିର ବଲପଏଣ୍ଟ କଲମ ଦ୍ୱାରା କାଳି କରନ୍ତୁ । ସେଠାରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ସ୍ଥାନରେ ପରୀକ୍ଷାର ନାମ, ତାରିଖ ଓ କେନ୍ଦ୍ର ନିଶ୍ଚିତ ଭାବେ ଲେଖନ୍ତୁ ଏବଂ କୌଣସି ପ୍ରଶ୍ନର ଉତ୍ତରଦେବା ଆଗରୁ ଆପଣଙ୍କ ପୁରା ଦସ୍ତଖତ ଦିଅନ୍ତୁ ।

୫. ଓଏମାର ଉତ୍ତରଫର୍ଦ୍ଦରେ ଆପଣ ଉଲ୍ଲେଖ କରିଥିବା ସାଙ୍କେତିକ ତଥ୍ୟକୁ ଗୋଟିଏ ଯନ୍ତ୍ର ପଠନ କରିବ । ତେଣୁ ଆପଣଙ୍କ ଏହି ପ୍ରଦତ୍ତ ତଥ୍ୟ ଯଦି ଦରଖାସ୍ତ ଫର୍ମରେ ଦିଆଯାଇଥିବା ତଥ୍ୟଠାରୁ ଫରକ କିମ୍ବା ଅସମ୍ପୂର୍ଣ୍ଣ ହୁଏ, ଆପଣଙ୍କୁ ଶୂନ୍ୟ ମାର୍କ ପ୍ରଦାନ କରାଯିବ ।

୬. ଏହି ନିର୍ଦ୍ଦେଶାବଳୀକୁ ସଂପୂର୍ଣ୍ଣଭାବେ ନିଶ୍ଚିତ ପାଳନକରନ୍ତୁ , ଅନ୍ୟଥା ଆପଣଙ୍କ ଉତ୍ତରପତ୍ର ମୂଲ୍ୟାୟନ କରାଯାଇପାରିବ ନାହିଁ ଏବଂ ଶୂନ୍ୟ ମାର୍କ ପ୍ରଦାନ କରାଯିବ ।

୭. ଉତ୍ତରଫର୍ଦ୍ଦର ଡାହାଣ ପାର୍ଶ୍ୱରେ ଥିବା ସମ୍ପୃକ୍ତ ପ୍ରଶ୍ନ ସଂଖ୍ୟାର ଅନୁରୂପ ବୃତ୍ତ/ଅଣ୍ଡାକୃତିକୁ କେବଳ କଳା/ନୀଳ କାଳିର ବଲପଏଣ୍ଟ କଲମ ଦ୍ୱାରା ନିଶ୍ଚିତ ସଂପୂର୍ଣ୍ଣଭାବେ କାଳି କରି ଉତ୍ତର ଦିଅନ୍ତୁ । କଳା/ନୀଳ ବଲ ପଏଣ୍ଟ କଲମ ଦ୍ୱାରା ଦର୍ଶାଯାଇନଥିବା ଉତ୍ତର ପାଇଁ କୌଣସି ମାର୍କ ଦିଆଯିବ ନାହିଁ ।

୮. ପରୀକ୍ଷା ହଲ/କୋଠରୀ ଛାଡିବା ପୂର୍ବରୁ ଆପଣଙ୍କ ଉତ୍ତରପତ୍ର ପରୀକ୍ଷକଙ୍କୁ ହସ୍ତାନ୍ତର ନ କରିପାରିଲେ ଆପଣ ଆଇନାନୁଯାୟୀ ଦଣ୍ଡନୀୟ ହେବେ ।

୯. ଉତ୍ତର ଦେବାପୂର୍ବରୁ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରଦାନ ନିର୍ଦ୍ଦେଶାବଳୀ ଯତ୍ନସହକାରେ ପଢନ୍ତୁ ।

୧୦. ଯେତେ ଶୀଘ୍ର ଓ ଯତ୍ନସହକାରେ ପାରିବେ ପ୍ରଶ୍ନଗୁଡିକର ଉତ୍ତର ଦିଅନ୍ତୁ । କେତେକ ପ୍ରଶ୍ନ ସହଜ ଓ ଅନ୍ୟ କେତେକ କଠିନ ହୋଇପାରେ । କୌଣସି ପ୍ରଶ୍ନରେ ଅତ୍ୟଧିକ ସମୟ ନଷ୍ଟକରନ୍ତୁ ନାହିଁ ।

୧୧.ଓଏମାର ଉତ୍ତରଫର୍ଦ୍ଦରେ ରଫ କାମ କରିବେ ନାହିଁ । ପ୍ରଶ୍ନପୁସ୍ତିକାରେ ରଫ କାମପାଇଁ ଖାଲିଜାଗା ଦିଆଯାଇଅଛି ।

୧୨.ପ୍ରବେଶ ପତ୍ର ବ୍ୟତୀତ କୌଣସି ବହି, ଛାପା/ହାତଲେଖା କାଗଜ, ମୋବାଇଲ ଫୋନ କିମ୍ବା ବୈଦ୍ୟୁତିକ ଉପକରଣ ଆପଣ ପରୀକ୍ଷା ହଲ/କୋଠରୀ ଭିତରକୁ ନେଇ ପାରିବେ ନାହିଁ।

ଉପରୋକ୍ତ ନିର୍ଦ୍ଦେଶାବଳୀରୁ କୌଣସିଟି ଅନୁପାଳନରେ ଖିଲାପକଲେ ଏହାକୁ ଅସତ ଉପାୟ ଅବଲମ୍ବନବୋଲି ବିବେଚନା କରାଯିବ ଏବଂ ଉଲଙ୍ଘନକାରୀଙ୍କ ବିରୁଦ୍ଧରେ ଯଥୋଚିତ କାର୍ଯ୍ୟ ଅନୁଷ୍ଠାନ କରାଯିବ ।

**DO NOT OPEN THE SEAL OF THE QUESTION BOOKLET UNTIL YOU ARE TOLD TO DO SO**

## SECTION-A
## (MATHMATICS)

**Read the following questions carefully. Answer each of them by choosing the correct one out four multiple answers given under each question as A), B), C) & D) and blackening the appropriate circle/oval given on the right side of the OMR Answer Sheet by black ball point pen only. Correct answer to each question carries ½ mark.**

ନିମ୍ନଲିଖିତ ପ୍ରଶ୍ନଗୁଡିକ ଯତ୍ନର ସହିତ ପଢନ୍ତୁ।ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ପ୍ରଶ୍ନର ନିମ୍ନରେ କ), ଖ), ଗ) ଏବଂ ଘ) ଭଳି ଦିଆଯାଇଥିବା ବିବିଧ ଉତ୍ତରମାନଙ୍କରୁ ସଠିକ ଉତ୍ତରଟି ଚୟନକରି ଓଏମାର ଉତ୍ତରଫର୍ଦ୍ଦର ଡାହାଣକୁ ଥିବା ସଠିକ ବୃତ୍ତ/ଅଣ୍ଡାକୃତିକୁ କେବଳ କଳା ବଲପଏଣ୍ଟ କଲମରେ କାଳିକରି ପ୍ରତ୍ୟେକର ଉତ୍ତର ଦିଅନ୍ତୁ। ପ୍ରତ୍ୟେକ ପ୍ରଶ୍ନର ସଠିକ ଉତ୍ତରପାଇଁ ୧/୨ ମାର୍କ ଦିଆଯିବ ।

1. A Carpenter got 35 % profit by selling a table at Rs.1350/-. How much did the table cost him?

A) 1300   B) 1200   C) 1150   D) 1000

ଜଣେ ବଢେଇ ଗୋଟିଏ ଟେବୁଲ ୧୩୫୦ ଟଙ୍କାରେ ବିକ୍ରୟ କରି ୩୫% ପ୍ରତିଶତ ଲାଭ ପାଇଲା । ଟେବୁଲଟିରେ ତାକୁ କେତେ ଟଙ୍କା ଖର୍ଚ୍ଚ ପଡିଥିଲା ।

କ) ୧୩୦୦   ଖ) ୧୨୦୦   ଗ) ୧୧୫୦   ଘ) ୧୦୦୦

2. Conversion of 0.5% in decimal is?

A) $0.5 \times 10$   B) 5/100   C) 0.005   D) 0.05

୦.୫%କୁ ଦଶମିକରେ ପରିବର୍ତ୍ତନକଲେ କେତେ ହେବ ?

କ) ୦.୫x ୧୦   ଖ) ୫/୧୦୦   ଗ) ୦. ୦୦୫   ଘ) ୦.୦୫

3. Conversion of 0.25 to % is?

A) 9.25%   B) 0.025%   C) 2.5%   D) 25%

୦.୨୫%କୁ ଦଶମିକରେ ପରିବର୍ତ୍ତନକଲେ କେତେ ହେବ ?

କ) ୯.୨୫%   ଖ) ୦.୦୨୫%   ଗ) ୨.୫%   ଘ) ୨୫%

4. By selling a bucket for Rs.92, a merchant loses 8% on his outlay. Find the percentage profit on his outlay when he sells the same for Rs.11O.

A) 10%   B) 4%   C) 3%   D) 5%

ଗୋଟିଏ ବାଲଟିକୁ ୯୨ ଟଙ୍କାରେ ବିକ୍ରୟକରି ଜଣେ ବ୍ୟବସାୟୀ ତାର ମୂଳ ଉପରେ ୮ପ୍ରତିଶତ କ୍ଷତି ସହେ । ଯଦି ସେ ତାକୁ ୧୧୦ ଟଙ୍କାରେ ବିକିଥାନ୍ତା କେତେ ପ୍ରତିଶତ ତାକୁ ଲାଭ ହୋଇଥାନ୍ତା ।

କ) ୧୦%   ଖ) ୪%   ଗ) ୩%   ଘ) ୫%

5. If a shopkeeper were to sell a bag for Rs. 200, he would lose 20%. What must he sell it for to gain 10%?

A) 225 B) 220 C) 275 D) 300

ଜଣେ ଦୋକାନୀ ଗୋଟିଏ ବ୍ୟାଗକୁ ଯଦି ୨୦୦ ଟଙ୍କାରେ ବିକିଥାନ୍ତା ତାର ୨୦ ପ୍ରତିଶତ କ୍ଷତି ହୋଇଥାନ୍ତା । ୧୦ ପ୍ରତିଶତ ଲାଭ କରିବାକୁ ତାକୁ କେତେ ଟଙ୍କାରେ ବିକ୍ରୟ କରିବାକୁ ହେବ ।

କ) ୨୨୫ ଖ) ୨୨୦ ଗ) ୨୭୫ ଘ) ୩୦୦

6. The cost price of 12 articles is equal to the selling price of 10 articles, profit percentage is?

A) 25% B) 33.33% C) 16.67% D) 20%

୧୨ ଟି ଜିନିଷର କିଣାମୂଲ୍ୟ ୧୦ଟି ଜିନିଷର ବିକ୍ରୟମୂଲ୍ୟ ସହିତ ସମାନ ହେଲେ, ଲାଭହାର କେତେ ପ୍ରତିଶତ?

କ) ୨୫% ଖ) ୩୩,୩୩% ଗ) ୧୬.୬୭% ଘ) ୨୦%

7. If a sum is invested in a year what will be the compound interest (C.I.) and the simple interest (S.I.)?

A) S.I.>C.I B) C.I.> S.I C) No interest in the first year D) C.I.=S.I

ଗୋଟିଏ ବର୍ଷ ପୁଞ୍ଜି ବିନିଯୋଗ କଲେ ଚକ୍ରବୃଦ୍ଧି ସୁଧ(ଚ.ସୁ.) ଏବଂ ସରଳ ସୁଧ(ସ.ସୁ.) କେତେ ହେବ?

କ) ସ.ସୁ. > ଚ.ସୁ. ଖ) ଚ.ସୁ.> ସ.ସୁ. ଗ) ପ୍ରଥମ ବର୍ଷ ସୁଧ ନହିଁ ଘ) ଚ.ସୁ.= ସ.ସୁ.

8. Salaries of A, B and C are in the ratio 1:2:3. Salary of B and C together is Rs.60000. By what percent is salary of C more than that of A?

A) 200 B) 300 C) 600 D) 100

କ, ଖ ଓ ଗ ଙ୍କର ଦରମାର ଅନୁପାତ ୧ : ୨ : ୩ । ଖ ଓ ଗ ଙ୍କ ଦରମା ମିଶି ୬୦୦୦୦ ଟଙ୍କା ହେଲେ, କ' ର ଦରମା ଠାରୁ ଗ' ର ଦରମା କେତେ ପ୍ରତିଶତ ଅଧିକ ଅଟେ ।

କ) ୨୦୦ ଖ) ୩୦୦ ଗ) ୬୦୦ ଘ) ୧୦୦

9. The length and breadth of a square are increased by 40% and 30% respectively. The area of the resulting rectangle exceeds the area of the square by?

A) 62% B) 42% C) 82% D) None of these

ଗୋଟିଏ ବର୍ଗ କ୍ଷେତ୍ରର ଦୈର୍ଘ୍ୟ ଓ ପ୍ରସ୍ଥକୁ ଯଥାକ୍ରମେ ୪୦ ଓ ୩୦ ପ୍ରତିଶତ ବୃଦ୍ଧି କରାଗଲା । ସୃଷ୍ଟି ହୋଇଥିବା ଆୟତ କ୍ଷେତ୍ରର କ୍ଷେତ୍ରଫଳ ବର୍ଗ କ୍ଷେତ୍ରର କ୍ଷେତ୍ରଫଳଠାରୁ ଅଧିକ ହେବ ?

କ) 62% ଖ) 42% ଗ) 82% ଘ) ଏମାନଙ୍କ ମଧ୍ୟରୁ କୌଣସିଟି ନୁହେଁ

10. The length of a rectangle is increased by 60%. By what percent would its width have to be decreased to maintain the same area?

A) 37 % B) 60% C) 75% D) None of these

ଗୋଟିଏ ଆୟତ କ୍ଷେତ୍ରର ଲମ୍ବ ୬୦ ପ୍ରତିଶତ ବୃଦ୍ଧି କରାଗଲା । ଏହାର ପ୍ରସ୍ଥ କେତେ ପ୍ରତିଶତ କାଟିଦେଲେ କ୍ଷେତ୍ରଫଳ ଅପରିବର୍ତ୍ତିତ ରହିବ ?

କ) ୩୭% ଖ) ୬୦% ଗ) ୭୫% ଘ) ଏମାନଙ୍କ ମଧ୍ୟରୁ କୌଣସିଟି ନୁହେଁ

11. 13937.869 ÷ 199.54 + 15% of 201=?

A) 150 B) 80 C) 90 D) 100

୧୩୯୩୭.୮୬୯÷୧୯୯.୫୪ +୧୫% of ୨୦୧= ?

କ) ୧୫୦ ଖ) ୮୦ ଗ) ୯୦ ଘ) ୧୦୦

12. If three fifth of a number is 40 more than 40% of the same number. What is that number?

A) 100 B) 150 C) 200 D) 400

କୌଣସି ଏକ ସଂଖ୍ୟାର ତିନି ଚତୁର୍ଥାଂଶ ସେହି ସଂଖ୍ୟାର ୪୦% ଠାରୁ ୪୦ ଅଧିକ । ସେହି ସଂଖ୍ୟାଟି କେତେ ?

କ) ୧୦୦ ଖ) ୧୫୦ ଗ) ୨୦୦ ଘ) ୪୦୦

13. If x% of y is the same as 4/5 of 80, the value of xy is?

A) 640 B) 400 C) 320 D) None

Y ର X% ଯଦି ୮୦ର ୪/୫ ସହିତ ସମାନ, XY ର ମୂଲ୍ୟ କେତେ ?

କ) ୬୪୦ ଖ) ୪୦୦ ଗ) ୩୨୦ ଘ) କୌଣସିଟି ନୁହେଁ

14. 45% of ___? + 30% of 90 = 30% of 210.

A) 80 B) 120 C) 60 D) 90

_____? ର ୪୫% + ୯୦ ର ୩୦%= ୨୧୦ ର ୩୦%

କ) ୮୦ ଖ) ୧୨୦ ଗ) ୬୦ ଘ) ୯୦

15. A number, on subtracting 15 from it, reduces to its 80%. What is 40% of that number?

A) 45 B) 30 C) 60 D) 90

କୌଣସି ଗୋଟିଏ ସଂଖ୍ୟାରୁ ୧୫ ବିୟୋଗ କଲେ ତାହା ତାର ୮୦% କୁ ହ୍ରାସ ପାଇଥାଏ । ସେହି ସଂଖ୍ୟା ର ୪୦% କେତେ ?

କ) ୪୫ ଖ) ୩୦ ଗ) ୬୦ ଘ) ୯୦

16. A student has to secure 40% marks to pass the examination. He gets 178 marks and fails by 22 marks. The maximum marks are?

A) 500 B) 800 C) 200 D) 1000

ଜଣେ ଛାତ୍ରକୁ ପରୀକ୍ଷାରେ ପାସ କରିବାକୁ ୪୦% ମାର୍କ ରଖିବାକୁ ହେବ । ସେ ୧୭୮ ମାର୍କ ପାଇଲା ଏବଂ ୨୨ ମାର୍କ ପାଇଁ ଫେଲ ହୋଇଗଲା । ସର୍ବାଧିକ ମାର୍କ କେତେ ?

କ) ୫୦୦ ଖ) ୮୦୦ ଗ) ୨୦୦ ଘ) ୧୦୦୦

17. 300 grams of a solution has 40% sugar in it. How much sugar should be added to make it 50% in the solution?

A) 10 gms B) 80 gms C) 40 gms D) 60 gms

୩୦୦ ଗ୍ରାମ ର ଗୋଟିଏ ଦ୍ରବଣରେ ୪୦% ଚିନି ଅଛି । ସେଥିରେ ଆଉ କେତେ ଚିନି ମିଶାଇଲେ ତାହା ଦ୍ରବଣଟିର ୫୦% ହେବ ?

କ) ୧୦ଗ୍ରାମ ଖ) ୮୦ଗ୍ରାମ ଗ) ୪୦ଗ୍ରାମ ଘ) ୬୦ଗ୍ରାମ

18. What shall be the percentage of increase in the surface area of a cube when each side is doubled?

A) 25% B) 50% C) 150% D) 300%

ଗୋଟିଏ କ୍ୟୁବର ପ୍ରତ୍ୟେକ ପାର୍ଶ୍ୱକୁ ଦ୍ୱିଗୁଣିତ କଲେ, ତାର କ୍ଷେତ୍ରଫଳରେ କେତେ ପ୍ରତିଶତ ବୃଦ୍ଧି ହେବ ।

କ) ୨୫% ଖ) ୫୦% ଗ) ୧୫୦% ଘ) ୩୦୦%

19. A reduction of 25% in the price of eggs will enable one to buy 4 dozen more eggs for Rs. 96. What is the price per dozen?

A) Rs. 6 B) Rs. 8 C) Rs. 8.50 D) Rs. 9

ଅଣ୍ଡା ଦରରେ ୨୫% ଘଟାଇଦେଲେ ଜଣେ ୯୬ ଟଙ୍କାରେ ୪ ଡଜନ ଅଧିକ ଅଣ୍ଡା କ୍ରୟକରିବାକୁ ସମର୍ଥ ହୁଏ । ପ୍ରତ୍ୟେକ ଡଜନ ଅଣ୍ଡାର ଦର କେତେ ?

କ) ୬ ଟଙ୍କା ଖ) ୮ ଟଙ୍କା ଗ) ୮.୫୦ ଟଙ୍କା ଘ) ୯ ଟଙ୍କା

20. Two buses travel to a place at 45 kmph and 60 kmph respectively. If the second bus takes 5½ hours less than the first for the same journey, what is the length of the journey?

A) 990 km B) 945 km C) 990 km D) 1350 km

ଦୁଇଟି ବସ ଗୋଟିଏ ସ୍ଥାନକୁ ଯଥାକ୍ରମେ ୪୫ କିମି ଏବଂ ୬୦ କିମି ବେଗରେ ଯାତ୍ରା ଆରମ୍ଭକଲେ । ସମାନ ଯାତ୍ରାପାଇଁ ଯଦି ଦ୍ୱିତୀୟ ବସଟି ପ୍ରଥମ ବସଠାରୁ ୫.୫ ଘଣ୍ଟା କମସମୟ ନିଏ, ଯାତ୍ରାର ଦୂରତା କେତେ ?

କ) ୯୯୦ କିମି ଖ) ୯୪୫ କିମି ଗ) ୯୯୦ କିମି ଘ) ୧୩୫୦ କିମି

21. A train moves with a speed of 108 kmph. What is its speed in metres per second?

A) 38.8 B) 18 C) 30 D) 10.8

ଗୋଟିଏ ଟ୍ରେନ ଘଣ୍ଟା ପ୍ରତି ୧୦୮ କିମି ବେଗରେ ଗତିକରେ । ଏହାର ସେକେଣ୍ଡ ପ୍ରତି ବେଗ କେତେ ମିଟର ?

କ) ୩୮.୮ ଖ) ୧୮ ଗ) ୩୦ ଘ) ୧୦.୮

22. If today is Tuesday, after 62 days it will be:

A) Wednesday B) Monday C) Thursday D) Sunday

ଆଜି ଯଦି ମଙ୍ଗଳବାର ହୁଏ, ୬୨ ଦିନପରେ ଏହା ହେବ-

କ) ବୁଧବାର ଖ) ସୋମବାର ଗ) ଗୁରୁବାର ଘ) ରବିବାର

23. Find out the wrong number in the series: 3, 8, 15, 24, 34, 48 & 63

A) 15 B) 24 C) 34 D) 48

ସିରିଜ ୩, ୮, ୧୫, ୨୪, ୩୪, ୪୮ ଏବଂ ୬୩ ମଧ୍ୟରୁ କେଉଁ ସଂଖ୍ୟାଟି ଭୁଲ ଚିହ୍ନଟ କର ।

କ) ୧୫ ଖ) ୨୪ ଗ) ୩୪ ଘ) ୪୮

24. The material of a cone is converted into the shape of a cylinder of equal radius. If the height of the cylinder is 6 cm, the height of the cone was:

A) 2 cm B) 6 cm C) 18 cm D) 36 cm

ଗୋଟିଏ କୋନର ଧାତୁକୁ ତରଳାଇ ଏକା ବ୍ୟାସାର୍ଦ୍ଧର ଗୋଟିଏ ସିଲିଣ୍ଡର ଆକାରକୁ ପରିବର୍ତ୍ତନ କରାଗଲା । ଯଦି ସିଲିଣ୍ଡରର ଉଚ୍ଚତା ୬ ସେମି ହୁଏ, କୋନର ଉଚ୍ଚତା ଥିଲା-

କ) ୨ ସେମି ଖ) ୬ ସେମି ଗ) ୧୮ ସେମି ଘ) ୩୬ ସେମି

25. What least value must be assigned to * so that the number 451 * 603 is exactly divisible by 11?

A) 9 B) 7 C) 5 D) 2

* କୁ କେଉଁ ମୂଲ୍ୟ ନିଶ୍ଚୟ ଦେବାକୁ ହେବ ଯାହା ଫଳରେ ୪୫୧*୬୦୩ ସଂଖ୍ୟା ଟି ୧୧ ଦ୍ୱାରା ଠିକ ବିଭାଜ୍ୟ ହେବ?

କ) ୯ ଖ) ୭ ଗ) ୫ ଘ) ୨

26. If the height of a cone is doubled, then its volume is increased by:

A) 100% B) 200% C) 300% D) 400%

ଗୋଟିଏ କୋନର ଉଚ୍ଚତା ଯଦି ଦ୍ୱିଗୁଣିତ କରାଯାଏ, ତେବେ ଏହାର ଘନଫଳ ବୃଦ୍ଧି ହେବ:

କ) ୧୦୦% ଖ) ୨୦୦% ଗ) ୩୦୦% ଘ) ୪୦୦%

27. If the ratio of volumes of two spheres is 1:8, then the ratio of their surface area is :

A) 1:2 B) 1:4 C) 1:8 D) 1:16

ଦୁଇଟି ବୃତ୍ତର ଘନଫଳର ଅନୁପାତ ଯଦି ୧:୮ ହୁଏ, ସେମାନଙ୍କ କ୍ଷେତ୍ରଫଳର ଅନୁପାତ ହେବ:

କ) ୧:୨ ଖ) ୧:୪ ଗ) ୧:୮ ଘ) ୧:୧୬

28. If the surface area of two spheres are in the ratio of 4:25, then the ratio of their volume is:

A) 4:25 B) 25:4 C) 125:8 D) 8:125

ଯଦି ଦୁଇଟି ବୃତ୍ତର ଭୂମିର କ୍ଷେତ୍ରଫଳର ଅନୁପାତ ୪:୨୫ ହୁଏ, ତେବେ ସେମାନଙ୍କ ଘନଫଳର ଅନୁପାତ ହେବ:

କ) ୪:୨୫ ଖ) ୨୫:୪ ଗ) ୧୨୫:୮ ଘ) ୮:୧୨୫

29. A cube of side 6 cm is cut in to a number of cubes of side 2 cm each. The number of cubes will be:

A) 6 B) 9 C) 12 D) 27

୬ ସେମି ପାର୍ଶ୍ୱ ଥିବା ଗୋଟିଏ କ୍ୟୁବକୁ ୨ ସେମି ପାର୍ଶ୍ୱ ଥିବା କେତୋଟି କ୍ୟୁବ ହିସାବରେ କାଟି ଦିଆଗଲା । କ୍ୟୁବ ଗୁଡିକର ସଂଖ୍ୟା ହେବ:

କ) ୬ ଖ) ୯ ଗ) ୧୨ ଘ) ୨୭

30. The remainder obtained when 231 is divided by 5 is:

A) 2 B) 3 C) 4 D) 1

୨୩୧ କୁ ୫ ଦ୍ୱାରା ଭାଗ କଲେ, ଭାଗଶେଷ ହେବ:

କ) ୨ ଖ) ୩ ଗ) ୪ ଘ) ୧

31. The numbers which are formed by writing one digit 6 times (e.g111111, 444444 etc.) are always divisible by:

A) all of these B) 13 C) 11 D) 7

ଗୋଟିଏ ଅଙ୍କକୁ ୬ ଥର ଲେଖି ସୃଷ୍ଟି ହେଉଥିବା ସଂଖ୍ୟା (ଯଥା-୧୧୧୧୧୧,୪୪୪୪୪୪ ଇତ୍ୟାଦି)ସବୁବେଳେ କେଉଁସଂଖ୍ୟା ଦ୍ୱାରା ବିଭାଜ୍ୟ?

କ) ଏହି ସମସ୍ତ ସଂଖ୍ୟା ଖ) ୧୩ ଗ) ୧୧ ଘ) ୭

32. In a division the divisor is 10 times the quotient and 5 times the remainder. If the remainder is 46, the dividend is:

A) 4236 B) 4306 C) 4336 D) 5336

ଗୋଟିଏ ହରଣରେ ଭାଜକ ଭାଗଫଳର ୧୦ ଗୁଣ ଏବଂ ଭାଗଶେଷର ୫ ଗୁଣ । ଯଦି ଭାଗଶେଷ ୪୬ ହୁଏ, ଭାଜ୍ୟ ହେବ:

କ) ୪୨୩୬ ଖ) ୪୩୦୬ ଗ) ୪୩୩୬ ଘ) ୫୩୩୬

33. In a family, the father took 1/4 of a cake, which is 3 times as much as each of the others had. The total number of family member is:

A) 3　　B) 7　　C) 10　　D) 12

ଗୋଟିଏ ପରିବାରରେ ବାପା ଗୋଟିଏ ପିଠାର ୧/୪ ଖାଇଲେ, ଯାହାକି ପ୍ରତ୍ୟେକ ଅନ୍ୟମାନେ ଖାଇବାର ୩ ଗୁଣ । ପରିବାରର ମୋଟ ସଦସ୍ୟ ସଂଖ୍ୟା ହେବ:

କ) ୩　　ଖ) ୭　　ଗ) ୧୦　　ଘ) ୧୨

34. A man distributed Rs.100 equally among his friends. If there had been 5 more friends, each would have received Re.1 less. How many friends had he?

A) 20　　B) 25　　C) 30　　D) 35

ଜଣେ ଲୋକ ତାର ବନ୍ଧୁମାନଙ୍କ ମଧ୍ୟରେ ୧୦୦ ଟଙ୍କାକୁ ସମାନ ଭାବରେ ବାଣ୍ଟିଦେଲା । ତାର ଯଦି ୫ ଜଣ ବନ୍ଧୁ ଅଧିକ ଥାଆନ୍ତେ ପ୍ରତ୍ୟେକେ ୧ ଟଙ୍କା ଲେଖାଏଁ କମ ପାଇଥାନ୍ତେ । ତାର କେତେଜଣ ବନ୍ଧୁ ଥିଲେ ?

କ) ୨୦　　ଖ) ୨୫　　ଗ) ୩୦　　ଘ) ୩୫

35. What is the odd numeral pair/group in the following?

A) 12-144　B) 13-156　C) 15-180　D) 16-176

ନିମ୍ନରେ ପ୍ରଦତ୍ତ ଯୋଡି ସଂଖ୍ୟା ମାନଙ୍କମଧ୍ଯରୁ ଅମେଳ ଯୋଡି କେଉଁଟି ?

କ) ୧୨-୧୪୪　　ଖ) ୧୩-୧୫୬　ଗ) ୧୫-୧୮୦　ଘ) ୧୬-୧୭୬

36. Reena is twice as old as Sunita. Three years ago, she was three times as old as Sunita. How old is Reena now?

A) 6 years　B) 12 years　C) 8 years　D) 7 years

ରୀନାର ବର୍ତ୍ତମାନ ବୟସ ସୁନିତାର ଦୁଇ ଗୁଣ । ତିନି ବର୍ଷପୂର୍ବେ ତା'ର ବୟସ ସୁନିତାର ତିନି ଗୁଣ ଥିଲା । ରୀନାର ବର୍ତ୍ତମାନ ବୟସ କେତେ ?

କ) ୬ ବର୍ଷ　ଖ) ୧୨ ବର୍ଷ　ଗ) ୮ ବର୍ଷ　ଘ) ୭ ବର୍ଷ

37. If a sum of money at simple interest doubles in 6 years, it will become 4 times in:

A) 12 years　B) 14 years　C) 18 years　D) 16 years

ଯଦି କିଛି ଟଙ୍କା ସରଳ ସୁଧରେ ୬ ବର୍ଷରେ ଦ୍ୱିଗୁଣିତ ହୁଏ, ଏହା ଚାରି ଗୁଣ ହେବ:

କ) ୧୨ ବର୍ଷରେ　　ଖ) ୧୪ ବର୍ଷରେ　ଗ) ୧୮ ବର୍ଷରେ　ଘ) ୧୬ ବର୍ଷରେ

38. A man can row upstream at 8 kmph and downstream at 13 kmph. The speed of the stream is:

A) 5 km/hr B) 2.5 km/hr C) 10.5 km/hr D) 4.2 km/hr

ଜଣେ ଲୋକ ସ୍ରୋତର ବିପରୀତ ଦିଗରେ ଘଣ୍ଟାପ୍ରତି ୮ କିମି ଏବଂ ସ୍ରୋତର ଅନୁକୂଳ ଦିଗରେ ଘଣ୍ଟାପ୍ରତି ୧୩ କିମି ବେଗରେ ଡଙ୍ଗା ଚଳାଇପାରେ । ସ୍ରୋତର ବେଗ କେତେ ?

କ) ଘଣ୍ଟାପ୍ରତି ୫ କିମି ଖ) ଘଣ୍ଟାପ୍ରତି ୨.୫ କିମି ଗ) ଘଣ୍ଟାପ୍ରତି ୧୦.୫ କିମି ଘ) ଘଣ୍ଟାପ୍ରତି ୪.୨ କିମି

39. The sum of two numbers is 15 and the sum of their squares is 113. The numbers are:

A) 4,11 B) 5,10 C) 6, 9 D) 7, 8

ଦୁଇଟି ସଂଖ୍ୟା ର ଯୋଗଫଳ ୧୫ ଏବଂ ସେମାନଙ୍କ ବର୍ଗର ଯୋଗଫଳ ୧୧୩ । ସଂଖ୍ୟାମାନେ ହେଲେ:

କ) ୪, ୧୧ ଖ) ୫, ୧୦ ଗ) ୬, ୯ ଘ) ୭, ୮

40. The product of two numbers is 120 and the sum of their squares is 289. The sum of the two numbers is:

A) 20 B) 23 C) 169 D) none of these

ଦୁଇଟି ସଂଖ୍ୟା ର ଗୁଣଫଳ ୧୨୦ ଏବଂ ସେମାନଙ୍କ ବର୍ଗ ର ଯୋଗଫଳ ୨୮୯ । ସଂଖ୍ୟା ଦୁଇଟିର ଯୋଗଫଳ ହେବ:

କ) ୨୦ ଖ) ୨୩ ଗ) ୧୬୯ ଘ) ଏମାନଙ୍କ ମଧ୍ୟରୁ କୌଣସିଟି ନୁହେଁ

## SECTION-B

## Translation & Retranslation

**PART-I. Read the following sentences in Odia carefully and select their correct translation into English from the four answers given under each question as A, B, C & D.**

ନିମ୍ନଲିଖିତ ଓଡିଆ ବାକ୍ୟଗୁଡିକ ଯତ୍ନସହକାରେ ପଢନ୍ତୁ ଏବଂ ପ୍ରତ୍ୟେକ ପ୍ରଶ୍ନତଳେ **A, B, C** ଓ **D** ଭାବରେ ଦିଆଯାଇଥିବା ଚାରୋଟି ଉତ୍ତର ମଧ୍ୟରୁ କେଉଁଟି ସେମାନଙ୍କ ସଠିକ ଇଂରାଜୀ ଅନୁବାଦ ତାହା ଚୟନ କରନ୍ତୁ ।

41. ଭେଳାଏ ଜାହାଜ ବନ୍ଦରକୁ ପହଞ୍ଚୁଥିବାର ଆମେ ଦେଖିଲୁ ।

A) We saw a fleet of sheep reach the harbor.
B) We see a fleet of ship reaching the harbor.
C) We saw a fleet of ships reaching the harbor.
D) We had seen a fleet of ships reach the harbor.

42. ସବୁଜ ଘାସ ପଡିଆରେ ମଇଁଷିମାନେ ଚରୁଛନ୍ତି ।

A) Buffalos graze in the field of green grass.
B) Baffaloes are grazing in the green field grass.
C) Baffaloes were grazing in the green grass field.
D) Buffaloes are grazing in the field of green grass.

43. ମୁ ଯେତେଦୂର ଜାଣେ ସେ ତାକୁ ଭଲ ପାଏ ନାହିଁ।

A) I know she doesn't love her.
B) As far as I know she is not loving her.
C) So far as I know she doesn't love him.
D) What I understand she doesn't love him.

44. ଆପଣ କିଏ ମୁ ଚିହ୍ନିପାରୁନାହିଁ।

A) I am not recognizing who you are.
B) I don't know who are you?
C) I am not knowing your identity.
D) I can't recognize who you are.

45. ଗୋଟିଏ ମନମୁଗ୍ଧକାରୀ ପ୍ରାସାଦ ତୋଳାଇବାକୁ ମୁ ଚାହୁଁଅଛି ।

A) I am liking to construct attractive building.
B) I am wanting to build a pleasant building.
C) I desire to build a magnificent mansion.
D) I wish to build magnificent building.

46. ହରି ମୋତେ ଭେଟିବାକୁ ଆସିଲାବେଳକୁ ମୁ ମୋର ଅନୁଶୀଳନୀ ଗୁଡିକ କରିସାରିଥିଲି ।

A) I did my exercise when Hari came to see me.
B) I finished my exercise when Hari had come to see me.
C) Hari had come to see me when I finished my exercises.
D) I had done my exercises when Hari came to see me.

47. ତାଙ୍କ ସ୍ୱାମୀ ଆସିବା ପୂର୍ବରୁ ସେ ଖାଦ୍ୟ ରୋଷେଇ କରିସାରିଥିଲେ ।

A) She had finished cooking food before her husband arrived.
B) Before her husband had arrived she finished cooking.
C) She finished cooking food when her husband arrived.
D) She had finished cooking food before her husband had arrived.

48. ବର୍ଷାଋତୁ ଆରମ୍ଭ ହେବାକ୍ଷଣୀ କୃଷକମାନେ ଚାଷକାର୍ଯ୍ୟ ଆରମ୍ଭ କରନ୍ତି।

A) The farmers start cultivation as soon as the rainy season begins.
B) The farmers started cultivation at the onset of the rainy season.
C) Farmers begins cultivation when the rainy season start.
D) Farmer begin cultivation as the rainy season start.

49. ଯୁବକମାନେ ସବୁ ଯୁଗରେ ସାହସୀ ଓ ପରିଶ୍ରମୀ ।

A) Young men were brave and laborious in all ages.
B) Young people are courageous and hardworking in every ages.
C) The young people are bold and laborious in all times.
D) The young are brave and industrious in all ages.

50. ତୁମ ଭାଇ ସନ୍ଧ୍ୟାରେ କଣ ଖାଏ ?

A) What your brother eat in the evening?
B) What do your brother eat in the evening?
C) What does your brother eat in the evening?
D) What your brother eat in the evening?

51. ଅପରାଧୀଙ୍କୁ ଉଚିତ ଦଣ୍ଡ ବିଧାନ କରାଯାଏ ।

A) Criminals get punished properly.
B) Guilties are penalize properly.
C) The criminals were punished sufficiently.
D) The criminal are punished rightly.

52. ରାସ୍ତାରେ ଯାଉଯାଉ ଜରାଜୀର୍ଣ୍ଣ ବୃଦ୍ଧଲୋକଟି ତଳେ ପଡିଗଲେ ।

A) Going on the road, the very old man fell on the ground.
B) When he was walking on the road, the thin old man fell down.
C) As he was going on the road, the very old man fell down.
D) The feeble old man fell down while going on the road.

53. ଆମେ ଘରେ ପହଞ୍ଚିଛୁକି ନାହିଁ ମୁଷଳଧାରାରେ ବର୍ଷା ହେଲା ।

A) Hardly have we reached home when it rained heavily.
B) It rained heavily when we had reached home.
C) Hardly did we reach home when it rained cats and dogs.
D) Hardly did we reached home than it rained heavily.

54. ମୋ ପାଖରେ ପ୍ରଚୁର ଧନଥିଲେ, ମୁ ଗୋଟିଏ ଚିତ୍ତାକର୍ଷକ ପ୍ୟାଲେସ ତିଆରି କରନ୍ତି ।

A) If I had plenty of wealth, I build an impressive palace.
B) If I have plenty of riches I can build an impressive palace.
C) If I had plenty of wealth, I must build an attractive palace.
D) If I owned plenty of wealth I would build an impressive palace.

55. ସିନ୍ଦୁରା ଫାଟିଲା, ହେଲେ ଚନ୍ଦ୍ରମା ଆକାଶରୁ ଅନ୍ତର୍ଦ୍ଧ୍ୟାନ ହୋଇ ନ ଥାନ୍ତି ।

A) Darkness disappeared and the moon had not vanished.
B) The day broke, but the moon had not disappeared.
C) The sky reddened, but the moon was not going.
D) The night ended, but the moon still visible.

56. ମୁଁ ବହୁଦିନ ବ୍ୟବଧାନରେ ସୁରେଶଙ୍କୁ ଗତକାଲି ଭେଟିଲି।

A) I met Suresh yesterday after a long interval.
B) I had met Suresh yesterday after a long interval.
C) I meet Suresh yesterday a long interval after.
D) I have met Suresh yesterday after a long interval.

57. ଆମେ ଦୁହେଁ ପ୍ରାଥମିକ ଶ୍ରେଣୀ ଠାରୁ ସାଙ୍ଗ ହୋଇଅଛୁ।

A) We are both being friends since our Primary School days.
B) We have been friends since our Primary School days.
C) We both were friends since our Primary School days.
D) We had been both friends from our Primary School days.

58. ଆମେ ଦୁହେଁ ପରସ୍ପରକୁ ଭେଟି ବହୁତ ଖୁସି ହେଲୁ ।

A) We are very glad to meet each other.
B) We were very glad to meet each other.
C) We had been very glad meeting each other.
D) We are pleased to meet each other.

59. ସେ ମତେ କହିଲା ଯେ ସେ ଭାରତୀୟ ରେଳବାଇରେ ଅଫିସର ଭାବେ ଚାକିରି କରୁଥିଲା।

A) He had told me that he was working as officer in Indians Railway.
B) He had told me that he worked as a officer in indian railways.
C) He told me that he had worked as an officer in Indian Railway.
D) He told me that he was working as an officer in Indian Railway.

60. ମୋର କୌଣସି ବି ସାଙ୍ଗ ଏହି ଚାକିରି ପାଇଁ ଆବେଦନ କରୁନାହାନ୍ତି।

A) None of my friends are applying for this job.
B) None of my friends were applying for this job.
C) None of my friend is applying to this job.
D) None of my friends is applying for this job.

**PART-II. Read the following sentences in English carefully and select their correct translation into Odia from among the four answers given under each question as A, B, C & D.**

ନିମ୍ନଲିଖିତ ଇଂରାଜୀ ବାକ୍ୟଗୁଡ଼ିକ ଯତ୍ନସହକାରେ ପଢନ୍ତୁ ଏବଂ ପ୍ରତ୍ୟେକ ପ୍ରଶ୍ନତଳେ A, B, C ଓ D ଭାବରେ ଦିଆଯାଇଥିବା ଚାରୋଟି ଉତ୍ତର ମଧ୍ୟରୁ କେଉଁଟି ସେମାନଙ୍କ ସଠିକ ଓଡିଆ ଅନୁବାଦ ତାହା ଚୟନକରନ୍ତୁ ।

61. What a useless man I am!

A) କି ଅବ୍ୟବହାର୍ଯ୍ୟ ମଣିଷଟିଏ ମୁଁ?
B) ମୁଁ କେତେ ନିରର୍ଥକ ମଣିଷଟିଏ ।
C) ଆହା କେତେ ଅକର୍ମଣ୍ୟ ମଣିଷଟିଏ ମୁଁ!
D) କେତେ ଅଦରକାରୀ ମଣିଷଟିଏ ମୁଁ!

62. Here comes the bus scheduled to leave for Kolkata at 6.30AM.

A) ପୂର୍ବାହ୍ନ ଘ ୬.୩୦ ମିନିଟରେ କଲିକତା ଛାଡିବାକୁ ଥିବା ବସଟି ଏଇଟି ଆସୁଛି କି?
B) ପୂର୍ବାହ୍ନ ଘ ୬.୩୦ ମିନିଟରେ କଲିକତା ଯାତ୍ରା କରିବାପାଇଁ ନିର୍ଦ୍ଧାରିତ ବସଟି ଏଇ ଆସୁଅଛି ।
C) ଏଇ ବସଟି ଆସେ ଏବଂ ଅପରାହ୍ନ ଘ ୬.୩୦ ମିନିଟରେ କଲିକତା ଯାଏ ।
D) ବସଟି ଆସିଯାଇଅଛି ଯାହାକି ନିର୍ଦ୍ଧାରିତ ପୂର୍ବାହ୍ନ ଘ ୬.୩୦ ମିନିଟରେ କଲିକତା ପହଞ୍ଚିବ ।

63. On the top of that hill lives a hermit.

A) ଏଇ ପାହାଡଉପରେ ଗୋଟିଏ ତପସ୍ୱୀ ରହନ୍ତି ।
B) ଏହି ପର୍ବତଚୂଟିରେ ଜଣେ ଭିକ୍ଷୁ ଘର କରି ରହୁଛନ୍ତି ।
C) ସେହି ପାହାଡଶିଖରରେ ଜଣେ ସନ୍ୟାସୀ ରହନ୍ତି?
D) ସେହି ପାହାଡଶୀର୍ଷରେ ଜଣେ ସନ୍ନ୍ୟାସୀ ବାସକରନ୍ତି ।

64. They while away their evenings with games and gossips.

A) ସେମାନେ ତାଙ୍କ ସନ୍ଧ୍ୟା ସମୟସବୁ ଖେଳ ଏବଂ ଗପସପରେ ସାରିଦିଅନ୍ତି ।
B) ତାଙ୍କ ସମସ୍ତ ସନ୍ଧ୍ୟାଗୁଡ଼ିକ ଖେଳ ଏବଂ ଗପସପରେ ସେମାନେ କାଟୁଛନ୍ତି ।
C) ସେମାନେ ତାଙ୍କ ସନ୍ଧ୍ୟା ସମୟସବୁ ଖେଳକୁଦରେ କାଟିଦେଲେ ।
D) ସେମାନେ ସନ୍ଧ୍ୟା ସମୟରେ ଖେଳ ଏବଂ କସରତରେ ମାତିଥାନ୍ତି ।

65. Peace hath her victory no less renowned than war.

A) ଯୁଦ୍ଧ ଜୟଠାରୁ ଶାନ୍ତିର ଜୟ କୌଣସି ଗୁଣରେ କମ ନୁହେଁ ।
B) ଯୁଦ୍ଧ ଜୟ ଶାନ୍ତିର ଜୟଠାରୁ କମ ସୁଖ୍ୟାତ ଅଟେ?
C) ଯୁଦ୍ଧ ଜୟଠାରୁ ଶାନ୍ତିର ଜୟ କମ ସୁଖ୍ୟାତ ନୁହେଁ ।
D) ଶାନ୍ତିର ଜୟଠାରୁ ଯୁଦ୍ଧର ଜୟ ଅଧିକ ବିଖ୍ୟାତ ଅଟେ ।

66. Monks and nuns live in separate monasteries.

A) ତପସ୍ୱୀ ତପସ୍ୱିନୀ ମାନେ ବିଭିନ୍ନ ମନ୍ଦିରରେ ରହନ୍ତି ।
B) ତପସ୍ୱୀ ଏବଂ ତପସ୍ୱିନୀ ମାନେ ଭିନ୍ନ ଭିନ୍ନ ମନ୍ଦିରରେ ରହୁଛନ୍ତି ।
C) ସନ୍ନ୍ୟାସୀ ଓ ସନ୍ନ୍ୟାସିନୀମାନେ ସ୍ୱତନ୍ତ୍ର ମଠମାନଙ୍କରେ ବାସ କରନ୍ତି ।
D) ତପସ୍ୱୀ ତପସ୍ୱିନୀ ମାନେ ସ୍ୱତନ୍ତ୍ର ଭାବେ ବାସ କରନ୍ତି ।

67. Assam has one of the largest tea gardens in the world.

A) ଆସାମରେ ଦୁନିଆର ସର୍ବୋଚ୍ଚ ଚା ବଗିଚା ଅଛି ।
B) ଆସାମ ଦେଶର ସର୍ବବୃହତ ଚା ବଗିଚା ଅଟେ ।
C) ଆସାମରେ ପୃଥିବୀର ସର୍ବୋଚ୍ଚ ଚା ବଗିଚାମାନ ଅଛି ।
D) ଆସାମ ଚା ବଗିଚା ପୃଥିବୀର ସର୍ବବୃହତ ଚା ବଗିଚାମାନଙ୍କ ମଧ୍ୟରେ ଅନ୍ୟତମ ।

68. He always stood by his friends through thick and thin.

A) ତାଙ୍କ ବନ୍ଧୁମାନଙ୍କ ଭିଡବେଳେ ସେ ସର୍ବଦା ଠିଆ ହୁଅନ୍ତି ।
B) ବନ୍ଧୁମାନଙ୍କ ସୁଖ ଦୁଃଖରେ ସେ ସର୍ବଦା ଠିଆ ହେଉଥିଲେ!
C) ତାଙ୍କ ବନ୍ଧୁମାନଙ୍କ ଦୁଃଖ ଦୁର୍ଦ୍ଦିନରେ ସେ ସର୍ବଦା ସାହାଯ୍ୟ କରୁଥିଲେ ।
ଘ) ବନ୍ଧୁମାନଙ୍କ ଦୁଃଖ ଦୁର୍ଦ୍ଦିନରେ ସେ ସର୍ବଦା ଠିଆ ହେଉଥିଲେ ?

69. Are they leaving for the USA by the next flight?

A) ସେମାନେ ପରବର୍ତ୍ତୀ ଉଡାଣରେ ଆମେରିକା ଯାଉଛନ୍ତି ।
B) ସେମାନେ ଆସନ୍ତାକାଲି ଉଡାଣରେ ଆମେରିକା ଯିବାର ଅଛି?
C) ସେମାନେ ପରବର୍ତ୍ତୀ ବିମାନଯାତ୍ରାରେ ଆମେରିକା ଯାଉଛନ୍ତି କି?
D) ସେମାନେ ପରବର୍ତ୍ତୀ ଉଡାଣରେ ଆମେରିକାରୁ ଫେରୁଛନ୍ତି କି?

70. What are they looking for?

A) ସେମାନେ କାହାକୁ ଖୋଜୁଅଛନ୍ତି!
B) ସେମାନେ କାହାକୁ ଖୋଜୁଛନ୍ତି?
C) ସେମାନେ କଣ ଖୋଜୁଛନ୍ତି ।
D) ସେମାନେ କ'ଣ ଖୋଜୁଛନ୍ତି?

71. The early bird catches the warm.

A) ସକଳୁଆ ପକ୍ଷୀ ତା ଶିକାର ହାସଲ କରେ ।
B) ଚଞ୍ଚଳିଆ ପକ୍ଷୀ ଶିକାର ହାସଲ କରେ ।
C) ସମୟାନୁବର୍ତ୍ତୀ ପକ୍ଷୀ ତା' ଶିକାର ଧରିପାରେ ।
D) ସମୟାନୁବର୍ତ୍ତୀ ତା କାର୍ଯ୍ୟରେ କୃତକାର୍ଯ୍ୟ ହୁଏ ।

72. Unauthorized wine shops have to be closed.

A) ବେଆଇନ ମଦଦୋକାନସବୁ ବନ୍ଦକରାଯିବ ।

B) ଅନୁମତିବିହୀନ ମଦଦୋକାନସବୁ ବନ୍ଦ କରିବାକୁ ହେବ ।

C) ବେଆଇନ ମଦଦୋକାନସବୁ ବନ୍ଦକରାଯାଉଛି ।

D) ଅନୁମତିପ୍ରାପ୍ତ ମଦଦୋକାନସବୁ ବନ୍ଦକରାଯିବ ।

73. Excise revenue constitutes a lion's share of the state income.

A) ଅବକାରୀ ଆୟ ରାଜ୍ୟ ରାଜସ୍ୱର ସିଂହଭାଗ ଅଟେ ।

B) ଅବକାରୀ ଅସୁଲି ରାଜ୍ୟ ରାଜସ୍ୱର ବୃହତାଂଶ ଅଟେ?

C) ଅବକାରୀ ରାଜସ୍ୱ ରାଜ୍ୟ ରାଜସ୍ୱର ବଡଭାଗ ଅଟେ!

D) ରାଜ୍ୟର ଆୟ ଅବକାରୀ ଆଦାୟର ସିଙ୍ଘଭାଗ ବହନ କରେ ।

74. Prohibition is a boon for human and social health but bane for the state resources.

A) ନିଶାନିବାରଣ ମନୁଷ୍ୟ ଏବଂ ସମାଜିକ ସ୍ୱାସ୍ଥ୍ୟପାଇଁ ଏକ ଆଶୀର୍ବାଦ କିନ୍ତୁ ରାଜ୍ୟ ସମ୍ବଳ ପାଇଁ ଅଭିଶାପ ।

B) ନିଶାକରଣ ମନୁଷ୍ୟ ଏବଂ ସମାଜର ସ୍ୱାସ୍ଥ୍ୟପାଇଁ ଆଶୀର୍ବାଦ କିନ୍ତୁ ରାଜ୍ୟ ବିକାଶ ପାଇଁ ବାଧକ ।

C) ନିଶାନିତି ମନୁଷ୍ୟ ଏବଂ ସମାଜର ସ୍ୱାସ୍ଥ୍ୟପାଇଁ ନିତାନ୍ତ ଜରୁରୀ ଏବଂ ରାଜ୍ୟ ସମୃଦ୍ଧି ପାଇଁ ଅପରିହାର୍ଯ୍ୟ ।

D) ନିଶାନିରୋଧ ମନୁଷ୍ୟ ଏବଂ ସମାଜର ସ୍ୱାସ୍ଥ୍ୟପାଇଁ ଅଭିଶାପ କିନ୍ତୁ ରାଜ୍ୟ ସମ୍ବଳ ପାଇଁ ଏକ ବରଦାନ ।

75. Orders have been passed to sell country liquor in glass bottles in Odisha.

A) ଓଡିଶାରେ ବିଦେଶୀ ମଦ କାଚ ବୋତଲରେ ବିକ୍ରିପାଇଁ ଆଦେଶ କରାଗଲା ।

B) ବିଦେଶୀ ମଦ କାଚ ଗ୍ଲାସରେ ବିକ୍ରିପାଇଁ ଓଡିଶାରେ ଆଦେଶ ଦିଆଯାଇଅଛି ।

C) ଓଡିଶାରେ ଦେଶୀ ମଦ କାଚ ବୋତଲରେ ବିକ୍ରିପାଇଁ ଆଦେଶ ଦିଆଯାଇଅଛି ।

D) ଦେଶୀ ମଦ କାଚ ବୋତଲରେ ବିକ୍ରିପାଇଁ ଓଡିଶା ସରକାର ଆଦେଶ ଦେଇଛନ୍ତି ।

76. Export of 'mohua liquor' shall be temporarily banned to avoid shortage.

A) ଅଭାବ ଦୂର କରିବାକୁ ମହୁ ମଦ ଆମଦାନୀ କିଛି ସମୟପାଇଁ ବନ୍ଦ କରାଯିବ ।

B) ଅଭାବୀ ଦୂର କରିବାକୁ ମହୁଲ ମଦ ଆମଦାନୀ କିଛି ସମୟପାଇଁ ବନ୍ଦ କରାଯାଉଛି ।

C) ଅଭାବୀ ଦୂର କରିବାକୁ ମହୁଲି ମଦ ରପ୍ତାନି ସାମୟିକ ଭାବେ ନିଷେଧ କରାଯିବ ।

D) ଅଭାବ ଦୂର କରିବାକୁ ମହୁ ମଦ ରପ୍ତାନି ସବୁଦିନପାଇଁ ବନ୍ଦ କରାଯିବ ।

77. Should revolvers be supplied to the Excise field staff for better enforcement works?

A) ଉତ୍ତମ ପରିଚାଳନା ପାଇଁ ଅବକାରୀ କ୍ଷେତ୍ର କର୍ମଚାରୀଙ୍କୁ ରିଭଲଭର ଯୋଗାଯିବା ଉଚିତ କି?

B) ଉନ୍ନତ ତଦାରଖ କାର୍ଯ୍ୟ ପାଇଁ ଅବକାରୀ କ୍ଷେତ୍ର କର୍ମଚାରୀଙ୍କୁ ରିଭଲଭର ଯୋଗାଯିବ।

C) ଅଧିକ ଚଢଉକାର୍ଯ୍ୟ ପାଇଁ ଅବକାରୀ କ୍ଷେତ୍ର କର୍ମଚାରୀଙ୍କୁ ରିଭଲଭର କେବେ ଯୋଗାଯିବ?

D) ଉନ୍ନତତର ଧରପଗଡକାର୍ଯ୍ୟ ପାଇଁ ଅବକାରୀ କ୍ଷେତ୍ର କର୍ମଚାରୀଙ୍କୁ ରିଭଲଭର ଯୋଗାଇ ଦିଆଯିବା ଉଚିତ କି?

78. The Sub-Inspector of Excise is vested with power of entry, search, seizure and arrest under the NDPS Act.

A) ଏଣ୍ଡିପିଏସ ଆଇନ ଅଧୀନରେ ପ୍ରବେଶ, ତନଖି ଓ ଆରେଷ୍ଟ କରିବାର କ୍ଷମତା ଅବକାରୀ ଇନିସପେକ୍ଟରଙ୍କୁ ଦିଆଯାଇଥାଏ ।

B) ଏଣ୍ଡିପିଏସ ଆଇନ ଅଧୀନରେ ରିପୋର୍ଟ, ବ୍ୟାଜ୍ୟାପ୍ତି ଏବଂ ଆରେଷ୍ଟ କରିବାର କ୍ଷମତା ଅବକାରୀ ସବ ଇନିସପେକ୍ଟରଙ୍କୁ ନ୍ୟସ୍ତ କରାଯାଇଛି ।

C) ଏଣ୍ଡିପିଏସ ଆଇନ ବଳରେ ପ୍ରବେଶ, ତନଖି, ବ୍ୟାଜ୍ୟାପ୍ତି, ଏବଂ ଆରେଷ୍ଟ କରିବାର କ୍ଷମତା ଅବକାରୀ ସବ ଇନିସପେକ୍ଟରଙ୍କଠାରେ ନ୍ୟସ୍ତ ଅଛି ।

D) ଏଣ୍ଡିପିଏସ ଆଇନ ଅଧୀନରେ ପ୍ରବେଶ, ତନଖି, ବ୍ୟାଜ୍ୟାପ୍ତି ଓ ଆରେଷ୍ଟ କରିବାର କ୍ଷମତା ଅବକାରୀ ଇନିସପେକ୍ଟରଙ୍କୁ ଅର୍ପଣ କରାଯାଇଛି ।

79. In 2006 a number of persons died in Ganjam district due to consumption of spurious country liquor.

A) ୨୦୦୬ ମସିହାରେ ଗଞ୍ଜାମ ଜିଲ୍ଲାରେ ଅସଲି ବିଦେଶୀମଦ ଖାଇ ଅନେକ ଲୋକ ମୃତ୍ୟୁ ବରଣ କଲେ ।

B) ଗଞ୍ଜାମ ଜିଲ୍ଲାରେ ଗାଉଁଲି ମଦ ଖାଇ ୨୦୦୬ ମସିହାରେ ଅନେକ ଲୋକ ମୃତାହତ ହେଲେ ।

C) ଗଞ୍ଜାମ ଜିଲ୍ଲାରେ ନକଲି ଦେଶୀମଦ ଭୋଜନକରି ଅନେକ ଲୋକଙ୍କ ମୃତ୍ୟୁ ହୋଇଥିଲା ।

D) ୨୦୦୬ ମସିହାରେ ଗଞ୍ଜାମ ଜିଲ୍ଲାରେ ନକଲି ଦେଶୀମଦ ସେବନକରି ଅନେକ ଲୋକ ମୃତ୍ୟୁ ବରଣ କଲେ ।

80. Cultivation of hemp plant causes health hazard for man.

A) ହେମ୍ପ ପ୍ଲାଣ୍ଟ ଚାଷ ମଣିଷସମାଜର ସ୍ୱାସ୍ଥ୍ୟପ୍ରତି ବିପଦ ସୃଷ୍ଟିକରେ ।

B) ଅଫିମ ଚାଷ ମଣିଷର ସ୍ୱାସ୍ଥ୍ୟର ବିପତ୍ତି ଘଟାଇବ ।

C) ଗଞ୍ଜେଇ ଚାଷ ମଣିଷ ସ୍ୱାସ୍ଥ୍ୟପ୍ରତି ବିପଦ ଘଟାଇଥାଏ ।

D) ଭାଙ୍ଗ ବ୍ୟବସାୟ ମଣିଷର ସ୍ୱାସ୍ଥ୍ୟର ବିପତ୍ତି କାରକ ଅଟେ ।

## SECTION-C
## General Knowledge on Excise Matters

81. **Read the following statements and choose the most appropriate of the four answers given below as A), B), C) & D).**

"Intoxicant" means a substance such as alcohol-

1. which produces a feeling of pleasure and happiness
2. which creates excitement and lack of control
3. which when consumed induces a feeling of excitement
4. which when consumed induces lack of self-control

A) Only statement-1 is correct
B) Only statement-2 is correct
C) Statements-1 & 3 are correct
D) Statements-3 & 4 are correct

**ନିମ୍ନଲିଖିତ ବାକ୍ୟଗୁଡିକ ଯତ୍ନସହକାରେ ପଢନ୍ତୁ ଏବଂ ନିମ୍ନ ପ୍ରଦତ୍ତ A, B, C ଓ D ଭାବରେ ଦିଆଯାଇଥିବା ଚାରୋଟି ଉତ୍ତର ମଧ୍ୟରୁ କେଉଁଟି ସବୁଠୁ ସଠିକ ତାହା ଚୟନକରନ୍ତୁ ।**

"ମାଦକ ଦ୍ରବ୍ୟ" ର ଅର୍ଥ ହେଉଛି ମଦ ଭଳି ଏକ ଦ୍ରବ୍ୟ-

୧। ଯାହା ଖୁସି ଓ ଆନନ୍ଦର ଏକ ଅନୁଭବ ଜାଗରଣ କରେ ।

୨। ଯାହା ଉତ୍ତେଜନା ଓ ନିୟନ୍ତ୍ରଣର ଅଭାବ ସୃଷ୍ଟିକରେ ।

୩। ଯାହା ସେବନକଲେ ଉତ୍ତେଜନାର ଅନୁଭବ ସୃଷ୍ଟିକରେ ।

୪। ଯାହା ସେବନକଲେ ନିୟନ୍ତ୍ରଣର ଅଭାବ ସୃଷ୍ଟିକରେ ।

କ) କେବଳ ୧ ନମ୍ବର ବାକ୍ୟଟି ଠିକ
ଖ) କେବଳ ୨ ନମ୍ବର ବାକ୍ୟଟି ଠିକ
ଗ) ୧ ଓ ୩ ନମ୍ବର ବାକ୍ୟ ଠିକ
ଘ) ୩ ଓ ୪ ନମ୍ବର ବାକ୍ୟ ଠିକ

82. Read the following statements and choose the most appropriate of the four answers given below as A), B), C) & D).

"Alcohol" means-

1. a colourless liquid found in drinks like beer and wine etc
2. a colourless liquid used as solvent
3. a colourless liquid used in preparation of medicines
4. a colourless liquid used in manufacture of cleaning products

A) Statements-1 to 4 are correct
B) Only statements-1, 3 & 4 are correct
C) Only statements-1 & 3 are correct
D) None of the Statements is correct

ନିମ୍ନୋକ୍ତ ବାକ୍ୟଗୁଡ଼ିକ ପଢନ୍ତୁ ଏବଂ ତା' ତଳେ ଦିଆଯାଇଥିବା କ), ଖ), ଗ) ଓ ଘ) ଭଳି ଚାରୋଟି ଉତ୍ତର ମଧ୍ୟରୁ ସବୁଠୁ ସଠିକ ଉତ୍ତରଟି ବାଛନ୍ତୁ ।

"ନିଶା" ର ଅର୍ଥ ହେଉଛି-

୧ । ବିଅର ଓ ମଦ ଭଳି ପାନୀୟରେ ଥିବା ଏକ ରଙ୍ଗହୀନ ତରଳ ପଦାର୍ଥ ।

୨ । ଦ୍ରବଣ ଭାବେ ବ୍ୟବହୃତ ହେଉଥିବା ଏକ ରଙ୍ଗହୀନ ତରଳ ପଦାର୍ଥ ।

୩ । ଔଷଧ ପ୍ରସ୍ତୁତିରେ ବ୍ୟବହୃତ ହେଉଥିବା ଏକ ରଙ୍ଗହୀନ ତରଳ ପଦାର୍ଥ ।

୪ । ସଫେଇ ଦ୍ରବ୍ୟ ପ୍ରସ୍ତୁତିରେ ବ୍ୟବହୃତ ହେଉଥିବା ଏକ ରଙ୍ଗହୀନ ତରଳ ପଦାର୍ଥ ।

କ) ୧ ରୁ ୪ ନମ୍ବର ବାକ୍ୟ ଠିକ
ଖ) କେବଳ ୧, ୩ ଓ ୪ ନମ୍ବର ବାକ୍ୟ ଠିକ
ଗ) କେବଳ ୧ ଓ ୩ ନମ୍ବର ବାକ୍ୟ ଠିକ
ଘ) ବାକ୍ୟଗୁଡ଼ିକରୁ କୌଣସିଟି ଠିକନୁହେଁ

83.. Read the following statements and choose the most appropriate of the four answers given below as A), B), C) & D).

"Liquor" means an intoxicating drink which includes

1. wine , Beer, Tari and Pachwai
2. spirits of wine, rectified spirit, plain spirit made from materials recognized as country spirit base
3. fermented liquor made from Molasses
4. every liquor containing alcohol and any other intoxicating substance which the state Govt. may by notification declare to be liquor

A) Only statements-1 & 3 are correct
B) Only statements-1, 3 & 4 are correct
C) Statements-1 to 4 are correct
D) None of the Statements is correct

ନିମ୍ନୋକ୍ତ ବାକ୍ୟଗୁଡ଼ିକ ପଢନ୍ତୁ ଏବଂ ତା' ତଳେ ଦିଆଯାଇଥିବା କ), ଖ), ଗ) ଓ ଘ) ଭଳି ଚାରୋଟି ଉତ୍ତର ମଧ୍ୟରୁ ସବୁଠୁ ସଠିକ ଉତ୍ତରଟି ବାଛନ୍ତୁ ।

"ଲିକର" ହେଉଛି ଏକ ଉତ୍ତେଜକ ପାନୀୟ ଯହିଁରେ ଅନ୍ତର୍ଭୁକ୍ତ-

୧। ମଦ, ବିଅର, ତରି ଓ ପାଚୱାଇ ।
୨। ମଦଜନିତ ସ୍ପିରିଟ, ସଂଶୋଧିତ ସ୍ପିରିଟ, ଦେଶୀ ସ୍ପିରିଟର ଆଧାର ଭାବେ ଚିହ୍ନିତ ଦ୍ରବ୍ୟରୁ ପ୍ରସ୍ତୁତ ସାଧାରଣ ସ୍ପିରିଟ ।
୩। ମୋଲାସେସ ରୁ ତିଆରି ଫରମେଣ୍ଟେଡ ଲିକର ।
୪। ନିଶାଥିବା ପ୍ରତ୍ୟେକ ଲିକର ଏବଂ ଅନ୍ୟ କୌଣସି ଉତ୍ତେଜକ ଦ୍ରବ୍ୟ ଯାହା ରାଜ୍ୟ ସରକାର ବିଜ୍ଞାପନ ମାଧ୍ୟମରେ ଲିକରବୋଲି ଘୋଷଣା କରିପାରିବେ ।

କ) କେବଳ ୧ ଓ ୩ ନମ୍ବର ବାକ୍ୟ ଠିକ
ଖ) କେବଳ ୧, ୩ ଓ ୪ ନମ୍ବର ବାକ୍ୟ ଠିକ
ଗ) ୧ ରୁ ୪ ନମ୍ବର ବାକ୍ୟ ଠିକ
ଘ) ବାକ୍ୟଗୁଡ଼ିକରୁ କୌଣସିଟି ଠିକନୁହେଁ

84. Read the following statements and choose the most appropriate of the four answers given below as A), B), C) & D).

"IMFL" means

1. International Monetary Fund Ltd.
2. Indian Metal and Ferroalloys Ltd.
3. India Made Foreign Liquor produced, manufactured or compounded in India
4. India Made Foreign Liquor made in colour and flavour resembling Gin, Brandy, Whisky or Rum imported from foreign country into India.

A) Only statement-1 is correct B) Only statement-2 is correct

C) Only statements-3 & 4 are correct D) None of the Statements is correct

ନିମ୍ନୋକ୍ତ ବାକ୍ୟଗୁଡିକ ପଢନ୍ତୁ ଏବଂ ତା' ତଳେ ଦିଆଯାଇଥିବା କ), ଖ), ଗ) ଓ ଘ) ଭଳି ଚାରୋଟି ଉତ୍ତର ମଧ୍ୟରୁ ସବୁଠୁ ସଠିକ ଉତ୍ତରଟି ବାଛନ୍ତୁ ।

"IMFL" ର ଅର୍ଥ ହେଉଛି -

୧। ଅନ୍ତର୍ଜାତିକ ମୁଦ୍ରା ପାଣ୍ଠି ଲି ।

୨। ଭାରତୀୟ ଧାତୁ ଏବଂ ଫେରୋଏଲୟ ଲି ।

୩। ଭାରତରେ ଉତ୍ପାଦିତ, ପ୍ରସ୍ତୁତ କିମ୍ବା ମିଶ୍ରିତ ଭାରତ ତିଆରି ବିଦେଶୀ ଲିକର ।

୪। ବିଦେଶରୁ ଭାରତକୁ ଆମଦାନୀ ହେଉଥିବା ଗିନ, ବ୍ରାଣ୍ଡି, ହ୍ୱିସ୍କି କିମ୍ବା ରମର ରଙ୍ଗ ଓ ସ୍ୱାଦ ସାଦୃଶ୍ୟ ଭରତ ତିଆରି ବିଦେଶୀ ଲିକର ।

କ) କେବଳ ୧ ନମ୍ବର ବାକ୍ୟ ଠିକ ଖ) କେବଳ ୨ ନମ୍ବର ବାକ୍ୟ ଠିକ

ଗ) କେବଳ ୩ ଓ ୪ ନମ୍ବର ବାକ୍ୟ ଠିକ ଘ) ବାକ୍ୟଗୁଡିକରୁ କୌଣସିଟି ଠିକନୁହେଁ

85. What quantity of 'Beer' can a man possess without obtaining license?

A) 5 litres B) 3 litres C) 1 litre D) Nil

ବିନା ଅନୁମତିପତ୍ରରେ ଜଣେ ବ୍ୟକ୍ତି କେତେ ପରିମାଣର "ବିଅର" ନିଜପାଖରେ ରଖିପାରିବ ।

କ) ୫ ଲିଟର ଖ) ୩ ଲିଟର ଗ) ୧ ଲିଟର ଘ) ଶୂନ୍ୟ

86. What is the full form of "N.D.P.S."?

A) National Drugs Prevention Society B) National Disaster Prevention Scheme

C) National Defence Products Services D) National Drugs & Psychotropic Substance

"N.D.P.S." ର ସମ୍ପୂର୍ଣ୍ଣ ବର୍ଣ୍ଣନା କଣ ?

କ) National Drugs Prevention Society ଖ) National Disaster Prevention Scheme

ଗ) National Defence Products Services ଘ) National Drugs & Psychotropic Substance

87. What quantity of 'Ganja' can a man possess without obtaining license?

A) 500 grams B) 300 grams C) 100 grams D) Nil

ବିନା ଅନୁମତିପତ୍ରରେ ଜଣେ ବ୍ୟକ୍ତି କେତେ ପରିମାଣର "ଗଞ୍ଜେଇ" ନିଜପାଖରେ ରଖିପାରିବେ ।

କ) ୫୦୦ ଗ୍ରାମ ଖ) ୩୦୦ ଗ୍ରାମ ଗ) ୧୦୦ ଗ୍ରାମ ଘ) ଶୂନ୍ୟ

88. Read the following statements and choose the most appropriate of the four answers given below as A), B), C) & D).

"Molasses" means

1. a candy prepared from 'sugar'.
2. A candy prepared from 'sugar' or 'gur'.
3. a heavy dark coloured residual syrup drained away in the final stage of the manufacture of 'gur'.
4. a heavy dark coloured residual syrup drained away in the final stage of the manufacture of sugar, in solution or suspension, which can be fermented.

A) Only statement-1 is correct
B) Only statements-3 & 4 are correct
C) Only statements-1 & 2 are correct
D) None of the Statements is correct

ନିମ୍ନୋକ୍ତ ବାକ୍ୟଗୁଡିକ ପଢନ୍ତୁ ଏବଂ ତା' ତଳେ ଦିଆଯାଇଥିବା କ), ଖ), ଗ) ଓ ଘ) ଭଳି ଚାରୋଟି ଉତ୍ତର ମଧ୍ୟରୁ ସବୁଠୁ ସଠିକ ଉତ୍ତରଟି ବାଛନ୍ତୁ ।

"Molasses" ର ଅର୍ଥ ହେଉଛି –

୧. ଚିନିରୁ ତିଆରି ଏକ ପ୍ରକାର ମିଠା ।
୨. ଚିନି କିମ୍ବା ଗୁଡରୁ ତିଆରି ଏକ ପ୍ରକାର ମିଠା ।
୩. ଗୁଡ ତିଆରିର ଶେଷ ପର୍ଯ୍ୟାୟରେ ନିଗାଡା ଯାଉଥିବା ଗାଢା କଳାରଙ୍ଗର ଏକ ତରଳ ଅବଶେଷାନ୍ନ ।
୪. ଚିନି ତିଆରିର ଶେଷ ପର୍ଯ୍ୟାୟରେ ନିଗାଡା ଯାଉଥିବା ଦ୍ରବଣ କିମ୍ବା ଅଦ୍ରବଣ ଅବସ୍ଥାରେ ଥିବା ଗାଢା କଳାରଙ୍ଗର ଏକ ତରଳ ଅବଶେଷାନ୍ନ ଯାହାକୁ ଅମ୍ଳୀଭବନ କରାଯାଇପାରିବ ।

କ) କେବଳ ୧ ନମ୍ବର ବାକ୍ୟ ଠିକ
ଖ) କେବଳ ୩ ଓ ୪ ନମ୍ବର ବାକ୍ୟ ଠିକ
ଗ) କେବଳ ୧ ଓ ୨ ନମ୍ବର ବାକ୍ୟ ଠିକ
ଘ) ବାକ୍ୟଗୁଡିକରୁ କୌଣସିଟି ଠିକନୁହେଁ

89. What is the full form of O.S.B.C.?

A) Odisha State Backward Caste Corporation
B) Odisha State Blindness Corps
C) Odisha State Beverages Corporation
D) None of the above

"O.S.B.C." ର ସମ୍ପୂର୍ଣ୍ଣ ବର୍ଣ୍ଣନା କଣ ?

କ) Odisha State Backward Caste Corporation
ଖ) Odisha State Blindness Corps
ଗ) Odisha State Beverages Corporation
ଘ) ବାକ୍ୟଗୁଡିକରୁ କୌଣସିଟି ଠିକନୁହେଁ

90. What is the license period of wine shop?

A) 1st June to 31st May
B) 1st October to 31st September
C) 1st April to 31st March
D) None of the above

ମଦଦୋକାନ ଅନୁମତିପତ୍ରର ଅବଧି କଣ ?

କ) ଜୁନ ୧ ତାରିଖରୁ ମେ ୩୧ ତାରିଖ
ଖ) ଅକ୍ଟୋବର ୧ ତାରିଖରୁ ସେପ୍ଟେମ୍ବର ୩୧ ତାରିଖ
ଗ) ଏପ୍ରିଲ ୧ ତାରିଖରୁ ମାର୍ଚ ୩୧ ତାରିଖ
ଘ) ବାକ୍ୟଗୁଡିକରୁ କୌଣସିଟି ଠିକନୁହେଁ

91. What is the license period for sale and procurement of "mohua" flower'?

A) 1st August to 31st July
B) 1st November to 31st October
C) 1st April to 31st March
D) 1st January to 31st December

ମହୁଲ ଫୁଲ କ୍ରୟ ଏବଂ ବିକ୍ରୟ ପାଇଁ ଅନୁମତିପତ୍ରର ଅବଧି କଣ ?

କ) ଅଗଷ୍ଟ ୧ ତାରିଖରୁ ଜୁଲାଇ ୩୧ ତାରିଖ
ଖ) ନଭେମ୍ବର ୧ ତାରିଖରୁ ଅକ୍ଟୋବର ୩୧ ତାରିଖ
ଗ) ଏପ୍ରିଲ ୧ ତାରିଖରୁ ମାର୍ଚ୍ଚ ୩୧ ତାରିଖ
ଘ) ଜାନୁଆରୀ ୧ ତାରିଖରୁ ଡିସେମ୍ବର ୩୧ ତାରିଖ ।

92. What is the permissible sales hour of excise materials?

A) 10.30 AM to 10.30 PM daily except 2nd October of the year
B) 08.00 AM to 08.00 PM daily except 14th November of the year
C) 09.00 AM to 09.00 PM daily except 15th August of the year
D) 09.30 AM to 09.30 PM daily except 26th January of the year

ଅବକାରୀ ଦ୍ରବ୍ୟର ଅନୁମତିଯୋଗ୍ୟ ବିକ୍ରୟ ସମୟ କଣ ?

କ) ଅକ୍ଟୋବର ୨ ତାରିଖ ବ୍ୟତୀତ ବର୍ଷର ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୦.୩୦ରୁ ଅପରାହ୍ନ ୧୦.୩୦ ପର୍ଯ୍ୟନ୍ତ ।
ଖ) ନଭେମ୍ବର ୧୪ ତାରିଖ ବ୍ୟତୀତ ବର୍ଷର ପ୍ରତ୍ୟେକ ଦିନ ପୂର୍ବାହ୍ନ ୦୮ .୦୦ରୁ ଅପରାହ୍ନ ୦୮.୦୦ ପର୍ଯ୍ୟନ୍ତ ।
ଗ) ଅଗଷ୍ଟ ୧୫ ତାରିଖ ବ୍ୟତୀତ ବର୍ଷର ପ୍ରତ୍ୟେକ ଦିନ ପୂର୍ବାହ୍ନ ୦୯.୦୦ରୁ ଅପରାହ୍ନ ୦୯.୦୦ ପର୍ଯ୍ୟନ୍ତ ।
ଘ) ଜାନୁଆରୀ ୨୬ ତାରିଖ ବ୍ୟତୀତ ବର୍ଷର ପ୍ରତ୍ୟେକ ଦିନ ପୂର୍ବାହ୍ନ ୦୯.୩୦ରୁ ଅପରାହ୍ନ ୦୯.୩୦ ପର୍ଯ୍ୟନ୍ତ ।

93. Where is "IMFL" manufactured?

A) in the distilleries and bottling units B) in foreign countries C) in Patna D) in Panaji

"IMFL" କେଉଁଠାରେ ତିଆରି କରାଯାଏ ।

କ) ଡିଷ୍ଟିଲେରିଜ ଏବଂ ବଟଲିଙ୍ଗ କେନ୍ଦ୍ର ମାନଙ୍କରେ ଖ) ବିଦେଶରେ ଗ) ପାଟଣାଠାରେ ଘ) ପାନାଜିରେ

94. Where is 'Beer' manufactured?

A) in breweries B) in European countries C) in the state of Maharastra D) in Goa

" Beer" କେଉଁଠାରେ ତିଆରି କରାଯାଏ ।

କ) ବ୍ରିୱେରି ମାନଙ୍କରେ ଖ) ୟୁରୋପୀୟ ଦେଶମାନଙ୍କରେ ଗ) ମହାରାଷ୍ଟ୍ର ରାଜ୍ୟରେ ଘ) ଗୋଆଠାରେ

95. Read the following statements and choose the most appropriate of the four answers given below as A), B), C) & D).

"Dry Day" means

1. the day, when there is no sale of any kind of liquor
2. the 2nd October, the day of Gandhi Jayanti
3. 48 hours preceding the day of poll as declared by the E.C.I
4. 48 hours preceding the day of counting as declared by the Election Commissioner of India.

A) Only statement-1 is correct
B) Only statements-2 & 3 are correct
C) Only statements-2, 3 & 4 are correct
D) All the Statements are correct

ନିମ୍ନୋକ୍ତ ବାକ୍ୟଗୁଡିକ ପଢନ୍ତୁ ଏବଂ ତା' ତଳେ ଦିଆଯାଇଥିବା କ), ଖ), ଗ) ଓ ଘ) ଭଳି ଚାରୋଟି ଉତ୍ତର ମଧ୍ୟରୁ ସବୁଠୁ ସଠିକ ଉତ୍ତରଟି ବାଛନ୍ତୁ ।

"Dry Day" ର ଅର୍ଥ ହେଉଛି –

୧. ସେହି ଦିନ ଯେଉଁ ଦିନକି କୌଣସି ପ୍ରକାର ଲିକର ବିକ୍ରୟ ହୁଏନାହିଁ ।
୨. ଅକ୍ଟୋବର ୨ ତାରିଖ, ଗାନ୍ଧୀ ଜୟନ୍ତୀ ଦିନ ।
୩. ଭାରତୀୟ ନିର୍ବାଚନ କମିସନରଙ୍କ ଦ୍ୱାରା ଘୋଷିତ ଭୋଟ ଗ୍ରହଣ ଦିନର ପୂର୍ବ ୪୮ ଘଣ୍ଟା ସମୟ ।
୪. ଭାରତୀୟ ନିର୍ବାଚନ କମିସନରଙ୍କ ଦ୍ୱାରା ଘୋଷିତ ଭୋଟ ଗଣତି ଦିନର ପୂର୍ବ ୪୮ ଘଣ୍ଟା ସମୟ ।

କ) କେବଳ ୧ ନମ୍ବର ବାକ୍ୟ ଠିକ
ଖ) କେବଳ ୨ ଓ ୩ ନମ୍ବର ବାକ୍ୟ ଠିକ
ଗ) କେବଳ ୨, ୩ ଓ ୪ ନମ୍ବର ବାକ୍ୟ ଠିକ
ଘ) ସମସ୍ତ ବାକ୍ୟଗୁଡିକ ଠିକ

96. Where from do the retail shops purchase IMFL, Beer and CS Liquor?

A) from distilleries B) from breweries C) from IMFL Depot D) from OSBC

ଖୁଚୁରା ଦୋକାନୀମାନେ କେଉଁଠାରୁ IMFL, Beer ଏବଂ CS ଲିକର କିଣନ୍ତି ?

କ) ଡିଷ୍ଟିଲେରିଜ ମାନଙ୍କରୁ ଖ) ବ୍ରିୱେରି ମାନଙ୍କରୁ ଗ) IMFL ଗୋଦାମରୁ ଘ) OSBC ଠାରୁ

97. When was the Excise Department of Government of Odisha created?

A) 2nd October, 1989
B) 1st December, 1999
C) 3rd April, 2006
D) 25th June, 2009

ଓଡିଶା ସରକାରଙ୍କ ଅବକାରୀ ବିଭାଗ କେଉଁ ଦିନଠାରୁ ସୃଷ୍ଟି କରାଗଲା ?

କ) 1989 ମସିହା ଅକ୍ଟୋବର ୨ ତାରିଖ
ଖ) ୧୯୯୯ ମସିହା ଡିସେମ୍ବର ୧ ତାରିଖ
ଗ) ୨୦୦୬ ମସିହା ଏପ୍ରିଲ ୩ ତାରିଖ
ଘ) ୨୦୦୯ ମସିହା ଜୁନ ୨୫ ତାରିଖ

98. Excise Department of Government of Odisha was a part of which Department prior to its creation?

A) General Administration
B) Forest & Excise
C) Revenue & Disaster Mitigation
D) Revenue & Excise

ଓଡିଶା ସରକାରଙ୍କ ଅବକାରୀ ବିଭାଗ ଦିନଠାରୁ ସୃଷ୍ଟି ହେବା ପୂର୍ବରୁ କେଉଁ ବିଭାଗର ଅଂଶବିଶେଷ ଥିଲା ?

କ) ସାଧାରଣ ପ୍ରଶାସନ
ଖ) ଜଙ୍ଗଲ ଏବଂ ଅବକାରୀ
ଗ) ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ
ଘ) ରାଜସ୍ୱ ଏବଂ ଅବକାରୀ

99. How many authorised Distilleries and Bottling Units are presently functioning in Odisha?

A) 47  B) 37  C) 17  D) None of these

ଓଡିଶାରେ ମୋଟ କେତୋଟି ଡିଷ୍ଟି ଲେରିଜ ଓ ବଟଲିଂ କେନ୍ଦ୍ର କାର୍ଯ୍ୟକରୁଅଛି ?

କ) ୪୭  ଖ) ୩୭  ଗ) ୧୭  ଘ ) ଏମାନଙ୍କ ମଧ୍ୟରୁ କୌଣସିଟି ନୁହେଁ

100. Read the following statements and choose the most appropriate of the four answers given below as A), B), C) & D).

Which of the following statements describe the actual functions of the Excise Department?

1. To control manufacture, distribution and sale of liquor through Government channel
2. To prohibit sale of spurious liquor
3. To mobilize additional resources for the Government of Odisha
4. To prevent illicit distillation and clandestine trade in non-duty paid liquor through Excise Intelligence and Enforcement measures

A) Only statement-1  B) Statements-1 & 2  C) Statements-1, 2 & 4  D) All the statements

ନିମ୍ନୋକ୍ତ ବାକ୍ୟଗୁଡିକ ପଢନ୍ତୁ ଏବଂ ତା' ତଳେ ଦିଆଯାଇଥିବା କ), ଖ), ଗ) ଓ ଘ) ଭଳି ଚାରୋଟି ଉତ୍ତର ମଧ୍ୟରୁ ସବୁଠୁ ସଠିକ ଉତ୍ତରଟି ବାଛନ୍ତୁ ।

ନିମ୍ନୋକ୍ତ ବାକ୍ୟ ମଧ୍ୟରୁ କେଉଁଟି ଅବକାରୀ ବିଭାଗର ବାସ୍ତବିକ କାର୍ଜ୍ୟାବଳୀକୁ ବୁଝାଉଛି –

୧. ସରକାରୀ ସୂତ୍ର ମାଧ୍ୟମରେ ଲିକର ତିଆରି, ବଣ୍ଟନ ଏବଂ ବିକ୍ରୟକୁ ନିୟନ୍ତ୍ରଣ କରିବା ।
୨. spurious liquor ର ବିକ୍ରୟ ନିଷିଦ୍ଧ କରିବା ।
୩. ଓଡିଶା ସରକାରଙ୍କ ପାଇଁ ଅତିରିକ୍ତ ରାଜସ୍ୱ ସଂଗ୍ରହ କରିବା ।
୪. ଅବକାରୀ ଗୋଇନ୍ଦା ଏବଂ ଧରପଗଡ ମାଧ୍ୟମରେ ବିନା କରପଇଠ ଲିକରର ବେଆଇନ ଡିଷ୍ଟିଲେସନ ଏବଂ ଗୁପ୍ତ କାରବାର ରୋକିବା ।

କ) କେବଳ ୧ ନମ୍ବର ବାକ୍ୟ ଠିକ  ଖ) କେବଳ ୧ ଓ ୨ ନମ୍ବର ବାକ୍ୟ ଠିକ
ଗ) କେବଳ ୧, ୨, ଓ ୪ ନମ୍ବର ବାକ୍ୟ ଠିକ  ଘ) ସମସ୍ତ ବାକ୍ୟଗୁଡିକ ଠିକ

101. All excise samples are examined and tested by which of the following organisations of Government of Odisha.

A) Regional Forensic Science Laboratory  B) Odisha State Beverages Corporation
C) National Drugs Control & Research Centre  D) State Drugs Control & Research Laboratory

ଓଡିଶା ସରକାରଙ୍କ କେଉଁ ଅନୁଷ୍ଠାନଦ୍ୱାରା ଅବକାରୀ ନମୁନାସବୁ ପରୀକ୍ଷା ଓ ତନଖି କରାଯାଏ ।

କ) Regional Forensic Science Laboratory  ଖ) Odisha State Beverages Corporation
ଗ) National Drugs Control & Research Centre  ଘ) State Drugs Control & Research Laboratory

102. Who is the district level head of the Excise Department?

A) Collector  B) Addl. District Magistrate
C) Deputy Superintendent of Excise  D) Superintendent of Excise

ଅବକାରୀ ବିଭାଗର ଜିଲ୍ଲାସ୍ତରୀୟ ମୁଖ୍ୟ କିଏ ?

କ) ଜିଲ୍ଲାପାଳ  ଖ) ଅତିରିକ୍ତ ଜିଲ୍ଲାପାଳ  ଗ) ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ  ଘ) ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ

103. Who is the Head of the Directorate of Excise?

A) Revenue Minister B) Revenue Secretary
C) Director Excise D) Excise Commissioner

ଅବକାରୀ ନିର୍ଦ୍ଦେଶାଳୟର ମୁଖ୍ୟ କିଏ ?

କ) ରାଜସ୍ୱ ମନ୍ତ୍ରୀ ଖ) ରାଜସ୍ୱ ସଚିବ ଗ) ଅବକାରୀ ନିର୍ଦ୍ଦେଶକ ଘ) ଅବକାରୀ କମିଶନର

104. Where is the headquarters of Odisha State Beverages Corporation?

A) Cuttack B) Berhampur C) Bhubaneswar D) Sambalpur

ଓଡିଶା ରାଜ୍ୟ ମଦ ନିଗମର ସଦର ମହକୁମା କେଉଁଠାରେ ଅବସ୍ଥିତ ?

କ) କଟକ ଖ) ବ୍ରହ୍ମପୁର ଗ) ଭୁବନେଶ୍ୱର ଘ) ସମ୍ବଲପୁର

105. How many Zones of Deputy Excise Commissioner are there in Odisha?

A) Two B) Three C) Four D) Eight

ଓଡିଶାରେ କେତୋଟି ଡେପୁଟି ଅବକାରୀ କମିଶନର ଜୋନ ଅଛି ?

କ) ଦୁଇଟି ଖ) ତିନୋଟି ଗ) ଚାରୋଟି ଘ) ଆଠଟି

106. What will you do as Excise Constable if you find somebody drunk and lying on the road?

A) hand over him to police B) arrest and send him to jail

C) admit him to nearest hospital D) escort him to his home

ରାସ୍ତାରେ ଗଡୁଥିବା ନିଶାଗ୍ରସ୍ତ ଲୋକଟିଏ ଦେଖିଲେ ଜଣେ ଅବକାରୀ କନେଷ୍ଟବଳ ଭାବେ ତୁମେ କଣ କରିବ ?

କ) ତାକୁ ପୋଲିସକୁ ହସ୍ତାନ୍ତର କରିବ ଖ) ଆରେଷ୍ଟ କରି ଜେଲ ପଠେଇବ

ଗ) ନିକଟତମ ଡାକ୍ତରଖାନାକୁ ପଠାଇବ ଘ) ତା' ଘରକୁ କଢେଇନେବ

107. What is the base material for preparation of 'Beer'?

A) Spirit B) Molasses C) Mohua flower D) Malt

'ବିଅର' ପ୍ରସ୍ତୁତିର ଆଧାର ପଦାର୍ଥ କଣ ?

କ) ସ୍ପିରିଟ ଖ) ମୋଲଶେଷ ଗ) ମହୁଲ ଫୁଲ ଘ) ମାଲ୍ଟ

108. If you join as Excise Constable, your aim will be to-

A) drink good liquor B) work as per orders of authority
C) collect revenue D) prevent people from drinking wine

ଅବକାରୀ ପଦବୀରେ ଯୋଗଦେଲେ ତୁମର ଲକ୍ଷ ହେବ –

କ) ଉତ୍ତମ ଲିକର ସେବନ କରିବା ଖ) ଅଧିକାରୀଙ୍କ ଆଦେଶ ମାନି କାମ କରିବା
ଗ) ରାଜସ୍ୱ ଆଦାୟ କରିବା ଘ) ମଦ ପିଇବାରୁ ଲୋକଙ୍କୁ ନିବୃତ୍ତ କରିବା

109. Hooch Tragedy-2006 occurred in which of the following districts?

A) Puri B) Ganjam C) Balasore D) Sundargarh

୨୦୦୬ ମସିହା ହୁଚ ଦୁର୍ଘଟଣା ନିମ୍ନୋକ୍ତ କେଉଁ ଜିଲ୍ଲାରେ ଘଟିଥିଲା ?

କ) ପୁରୀ ଖ) ଗଞ୍ଜାମ ଗ) ବାଲେଶ୍ୱର ଘ) ସୁନ୍ଦରଗଡ

110. Who is presently the Minister of Excise in Odisha?

A) Dr. Damodar Rout  B) Sri Debi Prasad Mishra
C) Sri Lal Bihari Himrika  D) None of them

ଓଡିଶାର ବର୍ତ୍ତମାନ ଅବକାରୀ ମନ୍ତ୍ରୀ କିଏ ?

କ) ଡାକ୍ତର ଦାମୋଦର ରାଉତ  ଖ) ଶ୍ରୀ ଦେବୀ ପ୍ରସାଦ ମିଶ୍ର
ଗ) ଶ୍ରୀ ଲାଲବିହାରୀ ହିମରିକା  ଘ) ଏମାନଙ୍କ ମଧ୍ୟରୁ କେହି ନୁହନ୍ତି

111. "Tari" is the juice of-

A) Palm  B) Banana  C) Khajur  D) Pinnaple

"ତାଡି" ଏକ ପାନୀୟ ଯାହା କି ପ୍ରସ୍ତୁତ –

କ) ତାଳରୁ  ଖ) କଦଳୀରୁ  ଗ) ଖଜୁରୀରୁ  ଘ) ସପୁରୀରୁ

112. Which organ of the human body is directly affected by consumption of liquor?

A) Liver  B) Heart  C) Lungs  D) Eye

ମଦ ଖାଇବାଦ୍ୱାରା ମଣିଷ ଶରୀରର କେଉଁ ଅଙ୍ଗ ସିଧାସଳଖ ପ୍ରଭାବିତ ହୁଏ ?

କ) ଲିଭର  ଖ) ହୃତପିଣ୍ଡ  ଗ) ଫୁସଫୁସ  ଘ) ଆଖି

113. What is "Pachwai"?

A) Country liquor  B) Foreign liquor  C) Spirit  D) Handia

"ପାଚ୍ୱାଇ" କାହାକୁ ବୁଝାଏ-

କ) ଦେଶୀ ମଦ  ଖ) ବିଦେଶୀ ମଦ  ଗ) ସ୍ପିରିଟ  ଘ) ହାଣ୍ଡିଆ

114. "Pachwai" is made from?

A) Sugar  B) Rice  C) Wheat  D) Gur

"ପାଚ୍ୱାଇ" କେଉଁ ଜିନିଷରୁ ତିଆରି ହୁଏ?

କ) ଚିନି  ଖ) ଚାଉଳ  ଗ) ଗହମ  ଘ) ଗୁଡ

115. "Ganja" refers to-

A) a tree  B) a creeper  C) a bush  D) a plant

"ଗଞ୍ଜେଇ" କାହାକୁ ବୁଝାଏ ?

କ) ଗୋଟିଏ ବୃକ୍ଷ  ଖ) ଗୋଟିଏ ଲତା  ଗ) ଗୋଟିଏ ବୁଦା  ଘ) ଗୋଟିଏ ଗଛ

116. What is the base material of foreign liquor?

A) Corn  B) Cashewnut  C) Molasses  D) Spirit

ବିଦେଶୀ ମଦର ଆଧାର ଦ୍ରବ୍ୟ କଣ ?

କ) ଶଷ୍ୟ  ଖ) କାଜୁବାଦାମ  ଗ) ମୋଲାଶେଷ  ଘ) ସ୍ପିରିଟ

117. What is the colour of "Opium"?

A) Black B) Green C) White D) Yellow

"ଅଫିମ"ର ରଙ୍ଗ କଣ ?

କ) କଳା ଖ) ସବୁଜ ଗ) ଧଳା ଘ) ହଳଦିଆ

118. What is the letter emblem on the monogram attached to the cap of the Excise Constable?

(A) OA B) OE C) OES D) EC

ଅବକାରୀ କନେଷ୍ଟବଳଙ୍କ ଟୋପିରେ ଲାଗିଥିବା ମୋନୋଗ୍ରାମର ଅକ୍ଷର ସଙ୍କେତ କଣ?

କ) OA ଖ) OE ଗ) OES ଘ) EC

119. What is the colour of Uniform of field staff of Excise Department?

A) Blue B) Navy Blue C) White D) Khaki

ଅବକାରୀ ବିଭାଗ କ୍ଷେତ୍ର କର୍ମଚାରୀଙ୍କ ୟୁନିଫର୍ମ ର ରଙ୍ଗ କଣ ?

କ) ନୀଳ ଖ) ନେଭି ନୀଳ ଗ) ଧଳା ଘ) ଖାକୀ

120. What statutory warning is written on liquor bottle?

A) Consumption of liquor is injurious to health
B) Consumption of liquor is not good for health
C) Consumption of liquor is good for health
D) Consumption of liquor is beneficial to health

କେଉଁ ବିଧିସମ୍ମତ ସତର୍କବାଣୀ ଲିକର ବୋତଲ ଉପରେ ଲେଖାଯାଇଥାଏ ?

କ) ଲିକର ସେବନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ
ଖ) ଲିକର ସେବନ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ
ଗ) ଲିକର ସେବନ ସ୍ୱାସ୍ଥ୍ୟ ପାଇଁ ଭଲ
ଘ) ଲିକର ସେବନ ସ୍ୱାସ୍ଥ୍ୟ ପାଇଁ ଉପକାରୀ

SPACE FOR ROUGH WORK